

“ ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟିଯିବେ।

- ବେଞ୍ଜାମିନ୍ ଫ୍ରାଙ୍କଲିନ୍



**ସଂକ୍ଷେପରେ**

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ୯ଜଣଙ୍କୁ ରାଜ୍ୟ ବୟୋଜ୍ୟେଷ୍ଠ ସମ୍ମାନ

ଭୁବନେଶ୍ୱର, ୧।୧୦(ବ୍ୟୁରୋ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ସୋମବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ପଦଯାତ୍ରାରେ ବରିଷ୍ଠ ନାଗରିକ ତଥା ଯୁବବର୍ଗ ସାମିଲ ହୋଇହୋଇଥିଲେ। ପରେ ଅନୁଷ୍ଠିତ ସଭାରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଦିଗରେ ସରକାର ସବୁବେଳେ ପ୍ରତିବଦ୍ଧ ଥିବା କହିଥିଲେ। ଭୁବନେଶ୍ୱରରେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ସକ୍ରିୟତା ନିମନ୍ତେ ନୟାପଲ୍ଲୀଠାରେ ଖୋଲାଯାଇଥିବା ଆନନ୍ଦ ବହୁମୁଖୀ କେନ୍ଦ୍ର ବିଷୟରେ ସୂଚନା ପ୍ରଦାନ କରି ଏଭଳି କେନ୍ଦ୍ର ଅନ୍ୟ ସହରରେ ମଧ୍ୟ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ବିଭାଗୀୟ ସଚିବ ନିତେନ ଚନ୍ଦ୍ର କହିଥିଲେ ଯେ, ଓଡ଼ିଶାରେ ବରିଷ୍ଠ ନାଗରିକ ସାମାଜିକ ସୁରକ୍ଷା ପେନସନ୍‌କୁ ବର୍ତ୍ତମାନ ସାର୍ବଜନୀନ କରାଯାଇଛି ଓ ସମସ୍ତ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଏଥିରେ ସାମିଲ କରିବାକୁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ୯ଜଣ ବ୍ୟକ୍ତି ତଥା ସଂସ୍ଥାଙ୍କୁ ରାଜ୍ୟ ବୟୋଜ୍ୟେଷ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୀବନ ବ୍ୟାପୀ ସମାଜସେବା କ୍ଷେତ୍ରରେ ଅବଦାନ ନିମନ୍ତେ ବାଲେଶ୍ୱରର ଲକ୍ଷ୍ମୀଧର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ଉପଶାସନ ସଚିବ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆଧାତ୍ମିକ ପ୍ରବଚନ, ସଙ୍ଗୀତ କାର୍ଯ୍ୟକ୍ରମ ତଥା ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ବନ୍ଦ ହୋଇପାରେ ବାଇଶ ପାହାଚ ଶ୍ରାଦ୍ଧ

ପୁରୀ ଅଫିସ, ୧।୧୦

ଶ୍ରୀମନ୍ଦିର ବାଇଶ ପାହାଚ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଏହା ଯୋଡ଼ିହୋଇ ରହିଛି। ଏହାକୁ ଅତି ପବିତ୍ର ସ୍ଥାନ ବୋଲି କୁହାଯାଇଥାଏ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏଠାରେ ଶ୍ରାଦ୍ଧ ଦିଆଯାଇଥାଏ। ତେଣୁ ବର୍ଷସାରା ବାଇଶ ପାହାଚରେ ଶ୍ରାଦ୍ଧକର୍ମ ଚାଲିଥାଏ। ଏବେ ପିତୃପକ୍ଷ ଚାଲିଥିବା ବେଳେ ହଜାର ହଜାର ଲୋକ ଏଠାରେ ଶ୍ରାଦ୍ଧ ଦେଉଛନ୍ତି। ବର୍ଷ ତମାମ ବାଇଶ ପାହାଚରେ ଶ୍ରାଦ୍ଧକର୍ମ ବଢ଼ିବା ସହ ଗହଳି ଲାଗିରହୁଛି। ଏପରି କି ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଗହଳି ଯୋଗୁ ଭକ୍ତଙ୍କ ଯା’ ଆସରେ ଅସୁବିଧା ହେଉଛି।

### ଜୁଲମର ଶିକାର ହେଉଛନ୍ତି ଶ୍ରଦ୍ଧାଳୁ

ବାଇଶ ପାହାଚରେ ଶ୍ରାଦ୍ଧ ବେଳେ ବ୍ରାହ୍ମଣମାନେ ଭକ୍ତଙ୍କ ଉପରେ ଜୁଲମ କରୁଛନ୍ତି। ଦାନ ଦକ୍ଷିଣା ବାବଦକୁ ୨ଶହରୁ ୩ଶହ ଟଙ୍କା ଦାବି କରୁଛନ୍ତି। ଏପରି କି ଭକ୍ତଙ୍କ ହାତଧରି ଶ୍ରାଦ୍ଧ କରିବା ପାଇଁ ଟାଣି ନେଉଛନ୍ତି। ପ୍ରତ୍ୟହ ଶ୍ରାଦ୍ଧକୁ ନେଇ ବାଇଶ ପାହାଚରେ ଅଭାବନୀୟ ସ୍ଥିତି ଉପୁଜୁଛି। ଶ୍ରାଦ୍ଧ ପାଇଁ ଶ୍ରୀମନ୍ଦିର ପ୍ରଶାସନ ୫୦ ଟଙ୍କା ଫିସ୍ ନେଉଥିବା ବେଳେ ୭୫ ଜଣ ବ୍ରାହ୍ମଣଙ୍କୁ ଶ୍ରାଦ୍ଧ ଲାଇସେନ୍ସ ଦେଇଛି। ବାରମ୍ବାର ବିଶୃଙ୍ଖଳା ଅଭିଯୋଗ ଆସିବା ପରେ ୨୦୧୭ ସେପ୍ଟେମ୍ବର ୮ରେ ଶ୍ରୀମନ୍ଦିରର ତତ୍‌କାଳୀନ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଅବ୍ୟବସ୍ଥା ଓ ଗହଳିକୁ



ବାଇଶ ପାହାଚରେ ଭିଡ଼।

ନିୟନ୍ତ୍ରଣ କରିବାକୁ ହେଲେ ବାଇଶ ପାହାଚରେ ଶ୍ରାଦ୍ଧକର୍ମକୁ ଶୃଙ୍ଖଳିତ କରିବାକୁ ଆଲୋଚନା ହୋଇଥିଲା। ଏପରି କି ଆବଶ୍ୟକ ପଡିଲେ ବନ୍ଦ କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବ ବୈଠକରେ ହିଁ ସୀମିତ ରହିଥିଲା।

### ଶଙ୍କରାଚାର୍ଯ୍ୟଙ୍କ ମତ ଲୋଡ଼ିବ ଶ୍ରୀମନ୍ଦିର ପ୍ରଶାସନ

ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ବାଇଶ ପାହାଚରେ ଶ୍ରାଦ୍ଧ ପାଇଁ ଭିଡ଼ ହେଉଥିବାରୁ ଧାଡି ଦର୍ଶନରେ ସମସ୍ୟା ହେଉଛି। ଏଥିରେ ସୁଧାର ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବାଇଶ ପାହାଚରେ ଭିଡ଼ ଓ ବିଶୃଙ୍ଖଳା ପ୍ରସଙ୍ଗ ଉଠାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ବାଇଶ ପାହାଚରେ ଶ୍ରାଦ୍ଧ ଯୋଗୁ ଅତ୍ୟଧିକ ଭିଡ଼ ହେଉଛି। ଏହାକୁ ନେଇ ସମସ୍ୟା ଉପୁଜୁଛି। କିନ୍ତୁ ଚଳିତ ବର୍ଷ ଶ୍ରାଦ୍ଧ ଯେମିତି ଚାଲିବା କଥା ଚାଲିବ। ଏ ସଂକ୍ରାନ୍ତରେ ଶଙ୍କରାଚାର୍ଯ୍ୟଙ୍କ ମତାମତ ନିଆଯିବ। ଏହାପରେ ବାଇଶ ପାହାଚରୁ ଶ୍ରାଦ୍ଧ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ମୁଖ୍ୟ ପ୍ରଶାସକଙ୍କ ଏହି ମନ୍ତବ୍ୟ ପରେ ଆଗାମୀ ଦିନରେ ବାଇଶ ପାହାଚରେ ଶ୍ରାଦ୍ଧ ବନ୍ଦ ହେବା ନେଇ ଆଶଙ୍କା ଦେଖାଦେଇଛି।

### ଶ୍ରାଦ୍ଧ ସ୍ଥାନାନ୍ତର ଅସମ୍ଭବ

ପୁରୋହିତ ସମିତି, ବାଇଶ ପାହାଚର ସଭାପତି ବଦ୍ରି ନାରାୟଣ ମହାପାତ୍ର କହିଛନ୍ତି, ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେବ ବୋଲି ପ୍ରଶାସନ କହିଛି। ଆମେ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିସାରୁଛି। ବାଇଶ ପାହାଚରୁ ଶ୍ରାଦ୍ଧ ସ୍ଥାନାନ୍ତର ଅସମ୍ଭବ। ଏଠାରେ ଶ୍ରାଦ୍ଧ ପ୍ରତି ଶ୍ରଦ୍ଧାଳୁଙ୍କ ଦୃଢ଼ ବିଶ୍ୱାସ ରହିଛି । ସୁପ୍ରିମକୋର୍ଟ ଶ୍ରୀମନ୍ଦିରରେ ଦାନ ଦକ୍ଷିଣା ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଶ୍ରାଦ୍ଧ ପାଇଁ ବ୍ରାହ୍ମଣମାନେ କିଭଳି ଦକ୍ଷିଣା ନେବେ ପ୍ରଶ୍ନରେ ସେ କହିଛନ୍ତି ଯେ, ବିନା କର୍ମରେ ଭକ୍ତ ଯାହା ସ୍ୱଇଚ୍ଛାରେ ଦିଅନ୍ତି, ତାହା ହେଉଛି ଦାନ। ଶ୍ରାଦ୍ଧ ପାଇଁ ବ୍ରାହ୍ମଣ ପରିଶ୍ରମ କରନ୍ତି। ପରିଶ୍ରମ କଲେ ପାରିଶ୍ରମିକ ନେବେ। ତେଣୁ ଶ୍ରାଦ୍ଧ ପାଇଁ ଯେଉଁ ଅର୍ଥ ଶ୍ରଦ୍ଧାଳୁ ଦିଅନ୍ତି ତାହା ଦାନ ନୁହେଁ, ପାରିଶ୍ରମିକ। ଭକ୍ତଙ୍କୁ ଶୋଷଣ ପ୍ରଶ୍ନରେ ସେ କହିଥିଲେ ଯେ, କୌଣସି ପରିସ୍ଥିତିରେ ଭକ୍ତଙ୍କୁ ଶୋଷଣ ଓ ଜୋରଜୁଲମ କରାଯିବା ଉଚିତ ନୁହେଁ। ପ୍ରତି ପୁରୋହିତଙ୍କ ସହ ସମିତି ଏକ ଚୁକ୍ତି କରିଛି। ଯଦି ଶୋଷଣର ଅଭିଯୋଗ ଆସିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### “ଶ୍ରାଦ୍ଧ ପାଇଁ ନାହିଁ ଶାସ୍ତ୍ରୀୟ ବ୍ୟବସ୍ଥା

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଭାରତର ପୁରୁଷୋତ୍ତମ କ୍ଷେତ୍ର ମହୋଦଧି, ଗୟା ତୀର୍ଥ ଏବଂ ଗଙ୍ଗା, ଯମୁନା ଓ ସରସ୍ୱତୀର ସଙ୍ଗମସ୍ଥଳ ଆଲ୍ଲାହାବାଦର ପ୍ରୟାଗଠାରେ ଅସ୍ଥି ବିସର୍ଜନ ଏବଂ ପିତୃପୁରୁଷଙ୍କୁ ବିଶେଷ ପିଣ୍ଡଦାନର ବ୍ୟବସ୍ଥା ରହିଛି। ଲୋକାଚାରରେ ଶ୍ରୀମନ୍ଦିର ବାଇଶ ପାହାଚରେ ପିଣ୍ଡଦାନ କରାଯାଉଥିଲେ ହେଁ ଶାସ୍ତ୍ରୀୟ ବ୍ୟବସ୍ଥା କିଛି ନାହିଁ। ଅଧିକନ୍ତୁ ଶ୍ରୀକ୍ଷେତ୍ରର ଶ୍ୱେତଗଙ୍ଗା ତୀର୍ଥରେ ଅସ୍ଥି ବିସର୍ଜନ ଏବଂ ପିଣ୍ଡଦାନ ବ୍ୟବସ୍ଥା ରହିଛି। ଶ୍ରୀକ୍ଷେତ୍ରର ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଏବଂ ମହୋଦଧି ତୀର୍ଥରେ ତିଳ ତର୍ପଣ ଓ ଶ୍ରାଦ୍ଧର ବ୍ୟବସ୍ଥା ରହିଛି। ନରେନ୍ଦ୍ର ପୁଷ୍କରିଣୀରେ ଦାରୁଦିଅଁଙ୍କ ଚନ୍ଦନ ଯାତ୍ରା ତଥା ଚାପ ହେଉଥିବାରୁ ଏହାର ଜଳକୁ ପବିତ୍ର ଭାବି ଲୋକମାନେ ତିଳ ତର୍ପଣ କରିଥାନ୍ତି। କିନ୍ତୁ ବାଇଶ ପାହାଚରେ ଯେଉଁ ଶ୍ରାଦ୍ଧ ଦିଆଯାଉଛି, ତାହା ହେଉଛି ଆସ୍ଥା ଓ ବିଶ୍ୱାସର କଥା। ତାହା ଅନ୍ୟତ୍ର ପରିବର୍ତ୍ତନ ହେଲେ ସେ ଆସ୍ଥା ଓ ବିଶ୍ୱାସ ଅତୁଟ ରହିବ ନାହିଁ। ”

### “ତରବରିଆ ନିଷ୍ପତ୍ତି ଭକ୍ତଙ୍କୁ ଆଘାତ ଦେବ

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ବାଇଶ ପାହାଚରେ ଶ୍ରାଦ୍ଧ ଦେବା କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। କିନ୍ତୁ ଏହା ଏକ ପରମ୍ପରାରେ ପରିଣତ ହୋଇଗଲାଣି। ଏହା ଦ୍ୱାରା ଅନେକ ବ୍ରାହ୍ମଣ ଉପକୃତ ହେଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହାକୁ ସ୍ୱୀକୃତି ଦେଇଆସିଛି। ଲୋକମାନଙ୍କର ବିଶ୍ୱାସ ରହିଛି, ଏଠାରେ ପିଣ୍ଡ ପ୍ରଦାନ କଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ତେବେ ଦୀର୍ଘଦିନ ହେବ ପରମ୍ପରା ଭାବେ ଗଢିଉଠିଥିବା ବାଇଶ ପାହାଚରେ ଶ୍ରାଦ୍ଧ ବ୍ୟବସ୍ଥାକୁ ବନ୍ଦ କରିବା କିମ୍ବା ସ୍ଥାନ ପରିବର୍ତ୍ତନ କରିବା ପୂର୍ବରୁ ଭଲ ଭାବେ ବିଚାରବିମର୍ଶ କରାଯିବା ଦରକାର। ତରବରିଆ ଭାବେ ନିଷ୍ପତ୍ତି ନେଲେ ଅନେକ ଭକ୍ତଙ୍କ ମନରେ ଆଘାତ ସୃଷ୍ଟି ହେବ। କିନ୍ତୁ ଶଙ୍କରାଚାର୍ଯ୍ୟଙ୍କ ମତାମତ ପରେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାହା କହିଛନ୍ତି, ତାହା ସ୍ୱାଗତଯୋଗ୍ୟ। ”

### “ଶାସ୍ତ୍ରରେ ଏଭଳି ବିଧି ନାହିଁ

ଶ୍ରୀମନ୍ଦିର ସେବାୟତ ତଥା ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କୁହନ୍ତି, ଶ୍ରୀମନ୍ଦିର ଭିତରକୁ କୌଣସି ପ୍ରେତ ବା ଅଶରୀରୀ ଯିବା କଥା ନୁହେଁ। ବାଇଶ ପାହାଚରେ ଯେଉଁ ଶ୍ରାଦ୍ଧ ଦିଆଯାଉଛି, ତାହା ଦ୍ୱାରା ଶ୍ରୀମନ୍ଦିର ଭିତରକୁ ଅଶରୀରୀଙ୍କୁ ଆବାହନ କରାଯାଉଛି। ତେଣୁ ଏପରି କରାଯିବା ଠିକ୍ ନୁହେଁ। ଶାସ୍ତ୍ରରେ ମଧ୍ୟ ଏଭଳି ବିଧି ନାହିଁ। ଅତି ପ୍ରାଚୀନ କାଳରୁ ତୀର୍ଥ ପୁଷ୍କରିଣୀ ଅର୍ଥାତ୍ ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ମହୋଦଧିରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ତେଣୁ ବାଇଶ ପାହାଚରେ ଶ୍ରାଦ୍ଧ ବ୍ୟବସ୍ଥା ବର୍ତ୍ତମାନ ପରମ୍ପରାରେ ପରିଣତ ହୋଇଛି। ଏହାକୁ ହଠାତ୍ ବନ୍ଦ କରାଗଲେ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେବ। ”

■ ଅଭିଯୁକ୍ତଙ୍କୁ ଛାଡିଦେବା ପୋଲିସ ପାଇଁ କାଳ ହେଲା

# ଡୁମୁଡୁମା ବଜାରରେ ସିରିଜ୍ ବୋମାମାଡ଼

ଭୁବନେଶ୍ୱର(ବ୍ୟୁରୋ)/ପାତ୍ରପଡ଼ା,୧।୧୦(ଡି.ଏନ.ଏ.)

ଖଣ୍ଡଗିରି ଥାନା ପୋଲିସ ଜିମାରେ ଦିଆଯାଇଥିବା ୨ ଅଭିଯୁକ୍ତଙ୍କୁ ଛାଡ଼ିଦିଆଯିବା ପରେ ହିଂସା ଦେଖିବାକୁ ମିଳୁଛି। ଡୁମୁଡୁମା ବଜାରରେ ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ସିରିଜ୍ ବୋମାମାଡ଼ ହୋଇଥିଲା। ଏଥିରେ ରଘୁନାଥନଗର ବାସିନ୍ଦାଙ୍କ ୪ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଛାଡ଼ି ଦେଇଥିବା ୨ ଅଭିଯୁକ୍ତ ଏହି କାଣ୍ଡ ଘଟାଇଥିବା ଅଭିଯୋଗ କରି ରଘୁନାଥନଗରର ଶତାଧିକ ଲୋକ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଏହି ସମୟରେ ଖବର ପାଇ ପହଞ୍ଚିଥିବା ଖଣ୍ଡଗିରି ଥାନା ପୋଲିସକୁ ଉତ୍ତ୍ୟକ୍ତ ଲୋକେ ମାଡ଼ ମାରିବା ସହ ପୋଲିସ ଭ୍ୟାନକୁ ଭାଙ୍ଗି ଦେଇଥିଲେ। ଏହାପରେ ଘଟଣାସ୍ଥଳରେ ଅଧିକ ପୋଲିସ ଫୋର୍ସ ପହଞ୍ଚିଥିଲା। ହେଲେ ଉତ୍ତ୍ୟକ୍ତ ଲୋକେ ପେଟ୍ରୋଲ ବୋମା ଫିଙ୍ଗିବା ସହ ପୋଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ଟେକାମାଡ଼ରେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କ ମୁହଁ ଫାଟିଯାଇଥିବା ବେଳେ ଅନ୍ୟ ୩ଜଣ ହୋମଗାର୍ଡ ଆହତ ହୋଇଛନ୍ତି। ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଅପରାଧୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ଲୋକେ ରାସ୍ତା ଉପରେ ଟାୟାର ଜାଳି ସରକନ୍ତରା ଓ ଡୁମୁଡୁମା ରାସ୍ତାକୁ ବନ୍ଦ କରି ଦେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଲୋକେ ପୋଲିସକୁ



ବୋମାମାଡ଼ରେ ଡୁମୁଡୁମା ବଜାରରେ ଧ୍ୱଂସ ହୋଇଯାଇଥିବା ଏକ ଦୋକାନ।





ମୁତୟନ ହୋଇଥିବା ପୋଲିସ।

ରଘୁନାଥନଗରକୁ ପୂରାଇ ଦେଇ ନ ଥିଲେ। ବଡ଼ଧରଣର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଡିସିପି କିମ୍ବା ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଦେଖା ନ ଥିଲା।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଦୁଇ ଦିନ ତଳେ ଅଗ୍ନି ଷଡ଼ଙ୍ଗୀ, ଅଗ୍ନିଙ୍କ ଭାଇ ଆକାଶ ଷଡ଼ଙ୍ଗୀ, ବଳିଆ ରାଉତରାୟ ଓ ଅନ୍ୟ ଜଣେ ରଘୁନାଥନଗର ଅଟୋ ଷ୍ଟାଣ୍ଡ ନିକଟରେ ଖଣ୍ଡା ବୁଲାଇଥିଲେ। ଫଳରେ ଲୋକେ ଅଗ୍ନି ଓ ଆକାଶଙ୍କୁ କାବୁ କରି ଖଣ୍ଡଗିରି ପୋଲିସ ଜିମା ଦେଇଥିଲେ। ହେଲେ ସେମାନେ ଲୋକଙ୍କ ମାଡ଼ରେ ଆହତ ହୋଇଥିବାରୁ ପୋଲିସ ଉଭୟଙ୍କୁ ଚିକିତ୍ସା ପାଇଁ ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେମାନେ ସୁସ୍ଥ ହେବା ପରେ ପୋଲିସ ସେମାନଙ୍କୁ ଗିରଫ କରିବା ବଦଳରେ ଛାଡି ଦେଇଥିଲା, ଯାହାକୁ ରଘୁନାଥନଗରର ଲୋକମାନେ ବିରୋଧ କରିଥିଲେ।

କୁହାଯାଉଛି ଯେ, ରବିବାର ରାତିରେ ରଘୁନାଥପୁରର କେତେଜଣ ବଳିଆ ରାଉତରାୟଙ୍କ ହୋଟେଲକୁ ଭାଙ୍ଗି ଦେଇଥିଲେ, ଯାହାକୁ କେନ୍ଦ୍ରକରି ସୋମବାର ରାତି ପ୍ରାୟ ସାଢ଼େ ୮ ଟାରେ ଅଗ୍ନି, ଆକାଶ, ବଳିଆ ଓ ଅନ୍ୟ ଜଣେ ଦୁଇଟି ବାଇକ୍‌ରେ ଆସି ଡୁମୁଡୁମା ବଜାରରେ ଥିବା ୪ଟି ଦୋକାନ ଉପରକୁ ବୋମାମାଡ କରି ଫେରାର ହୋଇଯାଇଥିଲେ। ଏହାପରେ ରଘୁନାଥନଗରର ଶତାଧିକ ଲୋକେ ଉତ୍ତ୍ୟକ୍ତ ହୋଇ ଆଇନ ହାତକୁ ନେବା ସହ ପୋଲିସକୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏପରି କି ବଳିଆଙ୍କ ହୋଟେଲକୁ ଜାଳି ଦେଇଥିଲେ। ଘଟଣାସ୍ଥଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରଘୁନାଥନଗର ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଥାନା ଅଧିକାରୀ ଟଙ୍କା ନେଇ କିଛି ଅପରାଧୀଙ୍କୁ ଘଣ୍ଟ ଘୋଡାଉଛନ୍ତି। ଫଳରେ ସେମାନେ ଉକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଧନଜୀବନ ନଷ୍ଟ କରୁଛନ୍ତି। ତେଣୁ ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ସେମାନେ ଦାବି କରିଛନ୍ତି।





■ ପୋଲିସକୁ ମାଡ଼, ପିସିଆର ଭାଙ୍ଗିଲେ
■ ଟେକାମାଡରେ ଥାନାଧିକାରୀଙ୍କ ସମେତ ୪ ଆହତ
■ ୫ ପ୍ଲାଟୁନ ପୋଲିସ ମୁତୟନ





# ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ନିକଟରୁ ହଟିଲା ଥାଳି

ପୁରୀ ଅଫିସ,୧।୧୦

■ ମହାପ୍ରସାଦ ପାଇଁ ଉତ୍ତର ଦ୍ୱାର ଖୋଲା
■ ଧାଡ଼ିରେ ଯାଇ ଦର୍ଶନ କଲେ ମୁଖ୍ୟ ପ୍ରଶାସକ
■ ଭକ୍ତ ରଖିବେ ମତାମତ, ତିନିଦ୍ୱାରରେ ରହିବ ବାକ୍ସ

ଶ୍ରୀମନ୍ଦିରରେ ପ୍ରଥମଥର ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ ଅନୁଯାୟୀ ଦୁଇଟି ସ୍ଥାନରୁ ଦାନ, ଦକ୍ଷିଣା ପାଇଁ ରହିଥିବା ଥାଳି ଉଠିଛି। ଏହା ଶ୍ରୀମନ୍ଦିର ସଂସ୍କାର ପ୍ରକ୍ରିୟାରେ ଏକ ସକାରାତ୍ମକ ଚିତ୍ର ପଦାକୁ ଆଣିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଧରିତ୍ରୀକୁ କହିଛନ୍ତି।

ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଧାଡ଼ିଦର୍ଶନ ବ୍ୟବସ୍ଥାରେ କୌଣସି ସମସ୍ୟା ନାହିଁ। ମୁଁ ଧାଡ଼ିଦର୍ଶନ କରି ଉତ୍ତର ଦ୍ୱାର ଦେଇ ଫେରିଲି। କୌଣସି ପରିବର୍ତ୍ତନ ହେଲେ ଲୋକଙ୍କ ମନରେ କିଛି ଅସୁବିଧା ହେବ ବୋଲି ଆଶଙ୍କା ଉପୁଜିଥାଏ। କିନ୍ତୁ ଦର୍ଶନ ବେଳେ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଛି। ବହୁତ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ ହୋଇଥିବା ସେମାନେ କହିଛନ୍ତି। କେତେଜଣ ଲୋକ ସବୁବେଳେ ଭଲ କାମକୁ ଭଣ୍ଡୁର କରିବାକୁ ଚେଷ୍ଟା କରନ୍ତି। ସକାଳେ ଯେଉଁ ଅପ୍ରୀତିକର ପରିସ୍ଥିତି ଘଟିଛି, ତାହା ସେମାନଙ୍କର ଏକ ଷଡ଼ଯନ୍ତ୍ର। ମହାପ୍ରସାଦ ଆଣିବା ପାଇଁ ଯେଉଁ ସମସ୍ୟା ଥିଲା ତାହା ଦୂର ହୋଇଛି। ମହାପ୍ରସାଦ ପାଇଁ ଆଣିବାକୁ ଇଚ୍ଛୁକ ବ୍ୟକ୍ତି ଉତ୍ତର ଦ୍ୱାର ଦେଇ ଆନନ୍ଦ ବଜାରକୁ ଯାଇପାରିବେ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ରହିଛି। ସେମାନେ ଚାହିଁଲେ ବି ଅନ୍ୟଦ୍ୱାର ଦେଇ ଯାଇପାରିବେ। ସ୍ଥାନୀୟ ଭକ୍ତଙ୍କ ଲାଗି ସିଂହଦ୍ୱାରରେ ଏକ ସ୍ୱତନ୍ତ୍ର ଧାଡ଼ି କରାଯିବା ଲାଗି ପ୍ରସ୍ତାବ ରହିଛି। ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ତିନିଦ୍ୱାରରେ ୩ଟି ବାକ୍ସ ଲଗାଯିବ। ଧାଡ଼ି ଦର୍ଶନ ବ୍ୟବସ୍ଥାରେ ହେଉଥିବା ସମସ୍ୟା ଏବଂ ଏହାର ସୁଧାର ପାଇଁ କ’ଣ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେମାନେ ଏଥିରେ ଲିଖିତ ପ୍ରସ୍ତାବ ଦେବେ। ଏହି ପ୍ରସ୍ତାବଗୁଡିକୁ ତର୍ଜମା କରାଯାଇ ସୁଧାର ଦିଗରେ ପଦକ୍ଷେପ ନିଆଯିବ। ସୁପ୍ରିମ୍‌କୋର୍ଟଙ୍କ ଆଉ ୯ଟି ପ୍ରସ୍ତାବକୁ ସେବାୟତଙ୍କ ସହ ଆଲୋଚନା କରି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ଭକ୍ତ ସିଂହଦ୍ୱାର ପଟେ ନ ବାହାରି ଅନ୍ୟ ତିନିଦ୍ୱାରରେ ବାହାରିବେ। ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ଅନୁଯାୟୀ ଶେଡ୍ ତିଆରି ହେବ। ଧାଡ଼ି ଦର୍ଶନ ବ୍ୟବସ୍ଥାକୁ କାର୍ତ୍ତିକ ମାସ ପରେ ନିୟମିତ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।





ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।

-ପଣ୍ଡିତ ନୀଳକଣ୍ଠ ଦାସ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଶୋଭାଯାତ୍ରା, ଶିଖରଚଣ୍ଡୀ ମନ୍ଦିର, ସକାଳ ୭ଟା।
- ବିଜେବି କଲେଜ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଶାନ୍ତି ଶୋଭାଯାତ୍ରା, କଲେଜ ମୁଖ୍ୟଗେଟ୍, ସକାଳ ୮ଟା।
- ଇନର୍ ହୁଇଲ୍ କ୍ଲବ ଅଫ୍ ଭୁବନେଶ୍ୱର ପକ୍ଷରୁ ରୋଡ୍ ଶୋ', ଏକାମ୍ର ହାଟ, ସକାଳ ୮ଟା ୩୦।
- ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଜିଏସ୍‌ଟି ସମ୍ପର୍କିତ ଆଲୋଚନା, ରେଡ୍‌କ୍ରସ ଭବନ, ସକାଳ ୯ଟା ୩୦।
- ଚିତ୍ରଶିଳ୍ପୀ ବି. ବିନିତା କୁମାରୀଙ୍କ ଚିତ୍ରକଳା ପ୍ରଦର୍ଶନୀ 'ଉତ୍କର୍ଷ' ଉଦ୍‌ଘାଟନ, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏକାମ୍ର ଗୌରବ ସମ୍ମାନ ପ୍ରଦାନ ଉତ୍ସବ, କେଦାରନାଥ ପାଠାଗାର, ପୁରୁଣା ଭୁବନେଶ୍ୱର, ପୂର୍ବାହ୍ନ ୧୦ଟା।
- ଉତ୍କଳ ପ୍ରଦେଶ ବିକାଶ ପରିଷଦ ପକ୍ଷରୁ ପଲିଥିନ୍ ନିଷେଧ ସଚେତନତା, ବଡ଼ଗଡ଼ ହାଟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଇଲେକ୍ଟ୍ରିକାଲ ଇଞ୍ଜିନିୟରଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ, ସିଭିଲ ଇଞ୍ଜିନିୟର ସଂଘ ବିଲ୍ଡିଂ, ଓଏଚ୍‌ପିସି ଅଫିସ ସନ୍ନିକଟ, ଡିସିପି ଅଫିସ ନିକଟ, ଭୋଇନଗର, ପୂର୍ବାହ୍ନ ୧୦ଟା।
- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ସମାରୋହ ଅବସରରେ ପ୍ରାର୍ଥନା ସଭା, ବିଧାନସଭା ପ୍ରାଙ୍ଗଣ, ପୂର୍ବାହ୍ନ ୧୦ଟା ୧୦। 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦। ଗାନ୍ଧୀ ଚର୍ଚ୍ଚା, ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୪ଟା ୩୦। ଗାନ୍ଧୀ ଭଜନ ପରିବେଷଣ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ବିଜେଡି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ, ଝରଣା ସାହି, ଶିଶୁ ଭବନ ଛକ ନିକଟ, ବିଏମ୍‌ସି ୱାର୍ଡ ନଂ. ୫୩, ପୂର୍ବାହ୍ନ ୧୦ଟା ୩୦।
- ସିପିଆଇ ପକ୍ଷରୁ ବିକ୍ଷୋଭ, ରାଜମହଲ ଛକ, ପୂର୍ବାହ୍ନ ୧୦ଟା ୩୦।
- ୧୦ମ କଟନଫାବ୍, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ଉଦୟଭାନୁ ପକ୍ଷରୁ ଆୟୁର୍ବେଦରେ ବିଶ୍ୱସ୍ତରୀୟ ମାଗଣା ପରାମର୍ଶର ଶୁଭାରମ୍ଭ, ହୋଟେଲ ମାରିୟନ, ପୂର୍ବାହ୍ନ ୧୧ଟା।
- କବିତା ପାଠ ପ୍ରତିଯୋଗିତା ଓ ଷ୍ଟାଣ୍ଡଅପ୍ କମେଡି, ପଟିଆ, ପୂର୍ବାହ୍ନ ୧୧ଟା।
- ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ରାଜ୍ୟ ପରିଷଦ ବୈଠକ, ବୁଦ୍ଧ ବିହାର, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ହକି ବିଶ୍ୱକପ୍ ଆୟୋଜନ ଅବସରରେ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିର, ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ରାମଧ୍ୱନି, ଗାନ୍ଧୀ ଚେତନା ସମ୍ପର୍କରେ ଆଲୋଚନା, ଗୋଖିବାବା ଆଶ୍ରମ, ମଧ୍ୟାହ୍ନ ୧୨ଟା। ଚିତ୍ରାଙ୍କନ ପ୍ରତିଯୋଗିତା, ଉତ୍କଳମଣି ଗୋପବନ୍ଧୁ କୁଷ୍ଠ ସେବା ସଂଘ ଗୃହ, ବୁଦ୍ଧ ନଗର, ଅପରାହ୍ନ ୩ଟା।
- ଗାନ୍ଧୀ ପଦଯାତ୍ରା, ରାମ ମନ୍ଦିର ଛକ, ଅପରାହ୍ନ ୨ଟା ୪୫। ସାଂସ୍କୃତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା ୪୫।
- ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମାରୋହ, ଲୋହିଆ ଏକାଡେମୀ, ଅପରାହ୍ନ ୩ଟା।
- କଳିଙ୍ଗ ସ୍ପୋର୍ଟିଂ କ୍ଲବ ପକ୍ଷରୁ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ, ରେଡ୍‌କ୍ରସ ଭବନ, ଅପରାହ୍ନ ୩ଟା। ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ଅପରାହ୍ନ ୧ଟା ୩୦।
- ଶାସ୍ତ୍ରୀନଗର ଉନ୍ନୟନ ପରିଷଦ ପକ୍ଷରୁ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ, ଶାସ୍ତ୍ରୀନଗର କମ୍ୟୁନିଟି ସେଣ୍ଟର, ଅପରାହ୍ନ ୪ଟା।
- ୱାନ୍ ଟିମ୍ ୱାନ୍ ଗୋଲ୍, ଭୁବନେଶ୍ୱର ପକ୍ଷରୁ ଆଦର୍ଶ ସମ୍ମାନ ପ୍ରଦାନ ସମାରୋହ-୨୦୧୮, ଇଡ୍‌କଲ ଅଡିଟୋରିୟମ୍, ଅପରାହ୍ନ ୫ଟା।
- ଦି ସେଲ୍‌ଟର ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର ପରିସର, ରାତି ୭ଟା।

### ବାଲିଅନ୍ତା

- କୁଶଭଦ୍ରା ନଦୀ ଉପରେ ନବନିର୍ମିତ 'ମହାତ୍ମା ସେତୁ'ର ଲୋକାର୍ପଣ ଉତ୍ସବ, ବାଲକାଟୀ-ବାଲିଅନ୍ତା ପୁରୁଣା ଜଗନ୍ନାଥ ସଡ଼କ, ସକାଳ ୯ଟା।

### ବାରଙ୍ଗ

- ଶବରୀ ସଂସ୍କୃତି ସଂସଦ ପରିବାର, ଭୁବନେଶ୍ୱର ପକ୍ଷରୁ 'ସ୍ୱଚ୍ଛ ଭୁବନେଶ୍ୱର, ସବୁଜ ଭୁବନେଶ୍ୱର' କାର୍ଯ୍ୟକ୍ରମ, ନନ୍ଦନକାନନ, ସକାଳ ୬ଟା ୩୦।

## ନୟାପଲ୍ଲୀ ପୂର୍ଣ୍ଣ ନାୟକ ହତ୍ୟାକାଣ୍ଡ ପର୍ଦ୍ଦାଫାଶ

# ଦେହ ବ୍ୟବସାୟ ଟଙ୍କାକୁ ନେଇ ହତ୍ୟା କରିଥିଲେ ସାଙ୍ଗ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ନୟାପଲ୍ଲୀ ଆଇଆର୍‌ସି ଭିଲେଜ ସ୍କୁଲ ପରିସରରେ ଅଗଷ୍ଟ ୨୧ରେ ଘଟିଥିବା ପୂର୍ଣ୍ଣ ନାୟକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି କମିଶନରେଟ୍ ପୋଲିସ। ଏହି ଘଟଣାର ମାଷ୍ଟରମାଇଣ୍ଡ୍ ପୂର୍ଣ୍ଣ ଜେନା ଏଯାଏ ଫେରାର ଥିବାବେଳେ ସହଯୋଗୀ ନରେଶ ମଲ୍ଲିକ (୨୭)ଙ୍କୁ ଯାଜପୁର ବରୀ ସେନ୍ତାମୁଣ୍ଡା ଗ୍ରାମରୁ ଗିରଫ କରାଯାଇଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ଓ ରକ୍ତ ଲଗା ଟି-ଶାର୍ଟକୁ ବାଲିଅନ୍ତା ଅଟଳାରୁ ଜବତ କରିଛି। ପଚରାଉଚରାବେଳେ ପୋଲିସ ତାଙ୍କଠାରୁ ବହୁ ତଥ୍ୟ ପାଇଛି। ଦେହ ବ୍ୟବସାୟ ଟଙ୍କାକୁ ନେଇ ପୂର୍ଣ୍ଣଙ୍କୁ ହତ୍ୟା କରାଯାଇଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ଏହାପରେ ମାମଲା ନଂ.୩୭୩ ଆଇପିସି ଦଫା ୩୦୨ରେ ନରେଶଙ୍କୁ କୋର୍ଟଚାଲାଣ କରିବା ସହ ତାଙ୍କ ବୟାନ ଆଧାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଛି।



ଅଭିଯୁକ୍ତ ନରେଶ ମଲ୍ଲିକ।

- ଯାଜପୁରରୁ ଗିରଫ ହେଲେ ଅନ୍ୟତମ ଅଭିଯୁକ୍ତ
- ଭୁଜାଲି ଓ ରକ୍ତଲଗା ଟି-ଶାର୍ଟ ଜବତ
- ଏବେ ବି ମାଷ୍ଟରମାଇଣ୍ଡ୍ ଫେରାର

### ନରେଶ ବଖାଣିଲେ ହତ୍ୟା ପଛର କାହାଣୀ

ହତ୍ୟାକାଣ୍ଡକୁ ନେଇ ପୋଲିସ ତାଙ୍କ ସାଙ୍ଗମାନଙ୍କୁ ପଚରାଉଚରା କରିଥିଲା। ତେବେ ସନ୍ଦେହ ଉପୁଜିବାରୁ ସେମାନଙ୍କ ଉପରେ ନଜର ରଖିଆସୁଥିଲା। ସାଲିଆସାହିରେ ରହୁଥିବା ପୂର୍ଣ୍ଣ ଜେନା ନାମକ ଯୁବକଙ୍କ ସହ ପୂର୍ଣ୍ଣ ନାୟକଙ୍କ ଭଲ ସମ୍ପର୍କ ଥିବା ଓ ସେ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ଜାଣିବାକୁ ପାଇଥିଲା। ତେବେ ପୂର୍ଣ୍ଣ ରହୁଥିବା ଘରେ ତାଲା ଝୁଲୁଥିବାବେଳେ ସେ ଫେରାର ହୋଇଯାଇଥିଲେ। ସହଯୋଗୀ ନରେଶ ଯାଜପୁର ଅଞ୍ଚଳରେ ଥିବା ଜଣାପଡିବା ପରେ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରାଯାଇଥିଲା। ତେବେ ପଚରାଉଚରା ପରେ ସେ ଓ ପୂର୍ଣ୍ଣ ଜେନା ହତ୍ୟା କରିଥିବା ନରେଶ ସ୍ୱୀକାର କରିଥିଲେ। ଏଥିସହ ସେ ବଖାଣିଥିଲେ ହତ୍ୟାକାଣ୍ଡର ପୂରା ଘଟଣା। ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣ ଜେନାଙ୍କର ଏକ ପାର୍ଲର ରହିଛି। ସେ ଉକ୍ତ ପାର୍ଲରରେ ଦେହବ୍ୟବସାୟ କରିବା ସହ ଦେହଜୀବୀମାନଙ୍କୁ ହୋମ୍ ଡେଲିଭରି ଦେଉଥିଲେ। ଗ୍ରାହକ ଓ ଦେହଜୀବୀଙ୍କ ମଧ୍ୟରେ ମଧ୍ୟସ୍ଥ ସାଜିଥିଲେ ମୃତ ପୂର୍ଣ୍ଣଚନ୍ଦ୍ର। ବିଳମ୍ବିତ ରାତିରେ ନୟାପଲୀ ଥାନା ନିକଟରେ ଥିବା ଏକ ଓମ୍‌ଫେଡ୍ ଦୋକାନ ନିକଟରେ ଏକ କାର ଲାଗୁଥିଲା। ଉକ୍ତ କାର୍‌ରେ ପୂର୍ଣ୍ଣ ନାୟକ ଦେହଜୀବୀଙ୍କୁ ଧରି ଗ୍ରାହକଙ୍କ ନିକଟକୁ ନେଉଥିଲେ। ଦେହଜୀବୀଙ୍କୁ ସେଠାରେ ଛାଡ଼ି ଟଙ୍କା ଧରି ଫେରୁଥିଲେ। ହେଲେ ପୂର୍ଣ୍ଣ ଆଣୁଥିବା ଟଙ୍କାରୁ କିଛି ନିଜେ ଲୁଚାଇ ରଖୁଥିବା ପୂର୍ଣ୍ଣ ଜେନା ଜାଣିବାକୁ ପାଇଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ବାରମ୍ବାର ସମୟ ଗଡାଇବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ ବୋଲି ନରେଶ କହିଛନ୍ତି।



ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସୋମବାର ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ୧୫୦ଜଣ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ବେଶରେ ୧୫୦ ଆକୃତିରେ ଛିଡ଼ା ହୋଇଛନ୍ତି।

## ପ୍ରତାପ ଶାସନ ଡିଗ୍ରୀ କଲେଜ ସାଇନ୍ ଡାଏ ଘୋଷଣା

ବାଲକାଟୀ,୧।୧୦(ଡି.ଏନ୍.ଏ.)

ଛାତ୍ରସଂସଦ ନିର୍ବାଚନ ପାଇଁ ରାଜ୍ୟର କଲେଜଗୁଡ଼ିକରେ ଜୋରଦାର ପ୍ରସ୍ତୁତ ଚାଲିଛି। କେତେକ କ୍ୟାମ୍ପସରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇ ନିର୍ବାଚନ ବାତିଲ ମଧ୍ୟ ହୋଇଯାଇଛି। ସେହିପରି ଛାତ୍ର ନିର୍ବାଚନ ପୂର୍ବରୁ କ୍ୟାମ୍ପସରେ ଅଣଛାତ୍ରଙ୍କ ଆତଙ୍କରାଜ ଯୋଗୁ ସୋମବାର ବାଲକାଟୀସ୍ଥିତ ପ୍ରତାପ ଶାସନ ଡିଗ୍ରୀ କଲେଜରେ କଲେଜ କର୍ତ୍ତୃପକ୍ଷ ସାଇନ ଡାଏ ଘୋଷଣା କରିଦେଇଛନ୍ତି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ୨୪ଘଣ୍ଟା ନପୂରୁଣୁ କଲେଜ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଅଲ୍ ଇଣ୍ଡିଆ ଜୋନାଲ୍ ରୋଲର ସ୍କେଟିଂ ପ୍ରତିଯୋଗିତା

# ବିଏମ୍‌ପିଏସ୍ ତକ୍ଷଶିଳା ଛାତ୍ରୀଛାତ୍ରଙ୍କ ବାଜିମାତ୍

ଭୁବନେଶ୍ୱର,୧।୧୦(ବ୍ୟୁରୋ)




ସିବିଏସ୍‌ଇ ଇଷ୍ଟ ଜୋନ୍ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ କମିଟି ପକ୍ଷରୁ ରାୟପୁରର କ୍ରିଷ୍ଣା ପବ୍ଲିକ୍ ସ୍କୁଲଠାରେ 'ଅଲ୍ ଇଣ୍ଡିଆ ଜୋନାଲ୍ ରୋଲର ସ୍କେଟିଂ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ପିଏସ୍ ତକ୍ଷଶିଳା ସ୍କୁଲର ୯ଜଣ ଛାତ୍ରୀଛାତ୍ର ପିଇଟି ଶିକ୍ଷୟିତ୍ରୀ ମନୋରମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ୍‌ରେ ସ୍କୁଲର ୫ମ ଶ୍ରେଣୀ ଛାତ୍ରୀ ଭାବନା ପାତ୍ର(୧୦ବର୍ଷରୁ କମ୍) ୩୦୦ ଏବଂ ୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ୮ମ ଶ୍ରେଣୀ ଛାତ୍ରୀ ଦେବମିତ୍ରା ପାତ୍ର(୧୪ବର୍ଷରୁ କମ୍) ୩୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଗ୍ରହଣ କରିବା ସହ ସ୍ୱର୍ଣ୍ଣପଦକ ଜିତିଥିଲେ। ୪ର୍ଥ ଶ୍ରେଣୀର କାନନ୍ ପାରିକ୍(୧୦ ବର୍ଷରୁ କମ୍) ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ, ୮ମ ଶ୍ରେଣୀର ସୌରଭ ସାମଲ ଉଭୟ ୩୦୦ ଏବଂ ୫୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭାବନା ପାତ୍ର ଓ ଦେବମିତ୍ରା ପାତ୍ର ଆସନ୍ତା ନଭେମ୍ବରରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଚେୟାରମ୍ୟାନ ଟୁଟୁଲ କିଶୋର ଦାସ ଓ ନିର୍ଦ୍ଦେଶକ ସିକତା ଦାସ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଠିକାଦାରଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ପୁରୁଣା ଭୁବନେଶ୍ୱର, ୧।୧୦(ଡି.ଏନ.ଏ.)

ଧଉଳି ଥାନା ଅଧୀନ ଲିଙ୍ଗିପୁର ଅଞ୍ଚଳରେ ଜଣେ ଇଲେକ୍ଟ୍ରି ଠିକାଦାରଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଜିଲା ଶରଣକୁଳ ଅଞ୍ଚଳର ସୁରେଶ କୁମାର ସେଠୀ(୫୨)। ସୂଚନା ମୁତାବକ ସୁରେଶ ଲିଙ୍ଗିପୁର ଅଞ୍ଚଳରେ ଭଡାରେ ରହିବା ସହ ଇଲେକ୍ଟ୍ରି ଠିକାଦାର କାମ କରନ୍ତି। ସୋମବାର ଅପରାହ୍ନରେ ଓଦା ଲୁଗା ପିନ୍ଧି ଘରେ କପଡା ଇସ୍ତ୍ରୀ କରୁଥିବା ବେଳେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରିବାର ଲୋକ ତାଙ୍କୁ ଚିକିତ୍ସା ନେଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଓଡିଏମ୍ ସ୍କୁଲକୁ ରାଜ୍ୟର ଶ୍ରେଷ୍ଠ ତୃତୀୟ ସ୍କୁଲ ମାନ୍ୟତା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଓଡିଏମ୍ ପବ୍ଲିକ୍ ସ୍କୁଲକୁ 'ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ୍- ୨୦୧୮' ଦ୍ୱାରା ଡେ-କମ୍-ବୋର୍ଡିଙ୍ଗ୍ ତଥା କୋ-ଏଜୁକେଶନ୍ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟସ୍ତରରେ ଶ୍ରେଷ୍ଠ ତୃତୀୟ ସ୍କୁଲ ମାନ୍ୟତା ପ୍ରଦାନ କରାଯାଇଛି। ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ଅଭିଜ୍ଞ ବିଶେଷଜ୍ଞ କମିଟି ଦ୍ୱାରା ଭାରତର ଏକ ହଜାର ସ୍କୁଲକୁ ୧୪ଟି ପାରାମିଟରରେ ସର୍ବେକ୍ଷଣ କରାଯାଇ ଏହି ପୁରସ୍କାର ନିମିତ୍ତ ମନୋନୀତ କରାଯାଇଥିଲା। ଏହି ଉପଲକ୍ଷେ ଓଡିଏମ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କୁ ଗତ ୨୯ ତାରିଖରେ ଦିଲ୍ଲୀର ଗୁରୁଗାଁଓ ସ୍ଥିତ 'ଲୀଲା ଏମ୍ବିଏନ୍ସ ହୋଟେଲ ଆଣ୍ଡ ରେସିଡେନ୍ସ' ରେ ଅନୁଷ୍ଠିତ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଣାତ୍ମକ ଏବଂ ମୂଲ୍ୟବୋଧ ଭିତ୍ତିକ ଡେ-କମ୍‌ବୋର୍ଡିଙ୍ଗ୍ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଓଡିଏମ୍ ପବ୍ଲିକ୍ ସ୍କୁଲ ଏହି ମାନ୍ୟତା ପାଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଡ. ମୀନକେତନ ଏବଂ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ସଫଳତା ପାଇଁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମକର୍ତ୍ତା ଏବଂ ସମସ୍ତ ଅଭିଭାବକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସ୍କୁଲରେ ତାଲା ପକାଇ ଦେଲେ ଗ୍ରାମବାସୀ

### ଗଛମୂଳେ ବସି ପାଠ ପଢିଲେ ଛାତ୍ରୀଛାତ୍ର



ପିଲାମାନେ ଗଛତଳେ ପାଠ ପଢୁଛନ୍ତି।

ବାରଙ୍ଗ,୧।୧୦(ଡି.ଏନ୍.ଏ.)

ବିଦ୍ୟାଧରପୁର ଉ.ପ୍ରା. ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଏବଂ ଅଧିକ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ବିଦ୍ୟାଧରପୁର ଗ୍ରାମର ଲୋକେ ବିଦ୍ୟାଳୟ ଫାଟକରେ ତାଲା ପକାଇଦେଇଥିଲେ। ବିଦ୍ୟାଳୟରେ ତାଲା ପଡ଼ିଥିବା ଯୋଗୁ ଛାତ୍ରୀଛାତ୍ର ଗଛମୂଳେ ବସି ପାଠ ପଢ଼ିଥିଲେ। ସୂଚନାଥାଉ କି, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଥିବା ବେଳେ ମୋଟ ୧୫୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ଶିକ୍ଷକ ରହିଛନ୍ତି ମାତ୍ର ୫ଜଣ। ଏଭଳି ସ୍ଥିତିରେ ଛାତ୍ରୀଛାତ୍ର ଠିକ୍ ଭାବେ ପାଠ ପଢୁପାରୁନାହାନ୍ତି। ତେଣୁ ଅଧିକ ସଂଖ୍ୟକ ବିଏବିଇଡି ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଏ ନେଇ ଗ୍ରାମବାସୀ ଦୀର୍ଘଦିନ ଧରି ବାରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ଦାବିରେ ଗ୍ରାମର ବଂଶୀଧର ରାଉତ, ନିରଞ୍ଜନ ସାହୁ, ରଞ୍ଜନ ବେହେରା, ସୁଶାନ୍ତ ବେହେରା, ଜନାର୍ଦ୍ଦନ ପ୍ରଧାନ, ପବିତ୍ର ରାଉତ, ଅର୍ତ୍ତତ୍ରାଣ ଜେନା, ମାଧବ ରାଉତ, ବରୁଣ ରାଉତ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ଏ ବିଷୟରେ ବାରଙ୍ଗ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଭାରତୀ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରାମବାସୀ ଶନିବାର ଏ ନେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଡକାଇ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ନିୟମାନୁସାରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମୁତାବକ ଶିକ୍ଷକଙ୍କ ସଂଖ୍ୟା ଠିକ ରହିଛି। ବିଏବିଇଡି କଳା ଓ ବିଜ୍ଞାନ ଶିକ୍ଷକ ମଧ୍ୟ ଅଛନ୍ତି। ଗ୍ରାମବାସୀଙ୍କ ଅଧିକ ଶିକ୍ଷକ ନିଯୁକ୍ତି ଦାବି ବିଷୟରେ ଉଚ୍ଚ ପଦାଧିକାରୀଙ୍କ ଅବଗତ କରାଯାଇଛି। ସେଠାରୁ ଅନୁମୋଦନ ଆସିଲେ ଆମେ ଶିକ୍ଷକ ଦେଇପାରିବୁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ବିବେକାନନ୍ଦ



@ ଆଷାର



@ ଶୁଭଶ୍ରୀ



@ ବିଦ୍ୟା



@ ଆକାଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ସୋମବାର ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ସ୍କାଉଟ୍ ଭବନରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ Bhubaneswar, Tuesday, October 2/ 2018





■ ଦୀପ ନିଆଁରୁ ଜଳିଗଲା ୫ ବଖରା

## ପୋଡ଼ିହୋଇ ଦିବ୍ୟାଙ୍ଗ ଯୁବତୀ ମୃତ

**କଟକ ଅଫିସ, ୧।୧୦:** ଦରଘାବଜାର ଥାନା ଅନ୍ତର୍ଗତ ମକରବାସାହି କେନାଲ ରୋଡ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ଦୀପରୁ ନିଆଁ ଲାଗି ୫ ବଖରା ଜଳି ଯାଇଥିବାବେଳେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ ପି. ଲକ୍ଷ୍ମଣ ରାଓ ଝିଅ ବି. ଆରପି(୨୦)। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡିଯାଇଥିବା ସୂଚନା ମିଳିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କେନାଲ ରୋଡ ଅଞ୍ଚଳରେ ରହୁଥିବା ପି. ଲକ୍ଷ୍ମଣ ରାଓଙ୍କ ଝିଅ ସୋମବାର ସନ୍ଧ୍ୟାବେଳେ ଘରେ ଥିବା ଠାକୁରଙ୍କ ପାଖରେ ଦୀପ ଲଗାଇ ବାହାରକୁ ପଳାଇଯାଇଥିଲେ। ପି. ଲକ୍ଷ୍ମଣଙ୍କର ସ୍ଥାନୀୟ ଅଞ୍ଚଳରେ ଏକ ଦୋକାନ ଥିବାବେଳେ ସେ ସେଠାକୁ ପଳାଇ ଯାଇଥିଲେ। ଘରେ ଏକା ଭିନ୍ନକ୍ଷମ ଯୁବତୀ ବି. ଆରପି ଥିଲେ। ଦୀପରୁ କୌଣସି ପ୍ରକାରରେ ନିଆଁ ଲାଗି ଚାଳରେ ଲାଗି ଯାଇଥିଲା। ପରେ ନିଆଁ ପାଖରେ ଥିବା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସନ୍ଧ୍ୟା ୬ଟା ବେଳକୁ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଲିଭାଇବାକୁ ଉଦ୍ୟମ କରିଥିଲେ। ଘରେ ଥିବା ଭିନ୍ନକ୍ଷମ ଯୁବତୀ ପାଟି କରିବାରୁ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରିବାକୁ ଭିତରକୁ ଯାଇଥିଲେ। ହେଲେ ଉଦ୍ଧାର କରି ଆଣିବାବେଳକୁ ଯୁବତୀଙ୍କ ଶରୀରର କେତେକ ଅଂଶ ପୋଡିଯାଇଥିଲା। ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଏସ୍‌ସିବି ମେଡିକାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ୱାସରୁଦ୍ଧ ହୋଇ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ସ୍ଥାନୀୟ ଲୋକଙ୍କ ଠାରୁ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇଁ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଗାଡି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ରାତି ୮ଟା ବେଳକୁ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ପି. ଲକ୍ଷ୍ମଣ ରାଓଙ୍କ ସମେତ ପି. ଚିଟି, କେ. ରାମୁ, ଟି. ତିରୁପତି, ଟି. ସୁରୀଙ୍କ ଘର ଜଳି ଯାଇଥିବାବେଳେ ବିଭିନ୍ନ ଆସବାବପତ୍ର, ଦରକାରୀ କାଗଜପତ୍ର, ଖାଦ୍ୟଶସ୍ୟ ସହ କିଛି ଟଙ୍କା ପୋଡିଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବି. ଆରପି ପୋଲିଓରେ ଆକ୍ରାନ୍ତ ଥିବା ତାଙ୍କ ବାପା କହିଛନ୍ତି।

## ର୍‍ୟାଗିଂ: ଏମ୍‌ଏସ୍ ଲ କଲେଜର ୨ ଛାତ୍ର ନିଲମ୍ବିତ

**କଟକ ଅଫିସ,୧।୧୦:** ମଧୁସୂଦନ ଆଇନ ମହାବିଦ୍ୟାଳୟରେ ର୍‍ୟାଗିଂ ଘଟଣାକୁ ନେଇ ୨ ଜଣଙ୍କ ଛାତ୍ରଙ୍କୁ ନିଲମ୍ବନ ଆଦେଶ ମିଳିଛି। ଗତ ଶନିବାର ମହାବିଦ୍ୟାଳୟର ଆଣ୍ଟି ର୍‍ୟାଗିଂ କମିଟିର ନିଷ୍ପତ୍ତି ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଅଧ୍ୟକ୍ଷ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ କହିଛନ୍ତି। ସୂଚନାଥାଉ କି, ପ୍ରଥମବର୍ଷର ଛାତ୍ର ମିତୁ କୁମାର ବିଶ୍ୱାଳ ଉପରୋକ୍ତ ୨ଜଣ ଛାତ୍ରଙ୍କ ଉପରେ ର୍‍ୟାଗିଂ ଅଭିଯୋଗ ଆଣିଥିଲେ। ଛାତ୍ର ଦ୍ୱୟ ଫୋନ୍‌ରେ ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ ବୋଲି ମିତୁ ପ୍ରଥମେ ୟୁଜିସି ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ପରେ ଏ ସମ୍ପର୍କରେ ମହାବିଦ୍ୟାଳୟ ଆଣ୍ଟି ର୍‍ୟାଗିଂ କମିଟିରେ ଅଭିଯୋଗ ହେବା ସହ ତଦନ୍ତ ଜାରି ରହିଥିଲା।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ। -ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବଡ଼ମ୍ବା କଲେଜ ଏନ୍‌ସିସି ଛାତ୍ରୀଙ୍କ ସଫଳତା



**ବଡ଼ମ୍ବା,୧।୧୦(ଡି.ଏନ.ଏ.):** ବଡ଼ମ୍ବା ମୋହନ ସୁବୁଦ୍ଧି କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ଛାତ୍ରୀ ରୋଜାଲିନ ସାହୁ ସ୍ଥଳ ସୈନିକ ଶିବିରରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଉକ୍ତ ଶିବିରରେ ଢେଙ୍କାନାଳର ୧୨ତମ ବାଟାଲିଅନ ତରଫରୁ ରୋଜାଲିନ ଏକମାତ୍ର ଛାତ୍ରୀ ହିସାବରେ ଯୋଗ ଦେଇଥିଲେ। ଏହି ସଫଳତା ଲାଗି ରୋଜାଲିନଙ୍କୁ ସୋମବାର କଲେଜ ଅଧକ୍ଷ ପ୍ରାଧାପକ କୁମାରେଶ ରଥ ଏବଂ ବିଭାଗୀୟ ଅଧାପକ ଲେଫ୍ଟନାଣ୍ଟ ସୁଧୀର କୁମାର ମହାରଣା ଶୁଭେଚ୍ଛା ଜଣାଇଛନ୍ତି। ବିଭାଗୀୟ ଅଧାପକ ମହାରଣାଙ୍କ କହିବା ଅନୁସାରେ, ଯୁକ୍ତ ୩ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ରୋଜାଲିନ ଉକ୍ତ ଶିବିରରେ ବନ୍ଧୁକ ଚାଳନା, ସାଂସ୍କୃତିକ ଅଭିନୟ ତଥା ଟ୍ରୁପ୍ କମାଣ୍ଡର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ବଡ଼ମ୍ବା ବ୍ଲକ ଗୋପପୁରର ରଶ୍ମିତା ସାହୁ ଏବଂ ଗୁଣନିଧି ସାହୁଙ୍କ ଝିଅ।

### ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ତିଗିରିଆ,୧।୧୦(ଡି.ଏନ.ଏ.):** ତିଗିରିଆ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ସ୍ଥାନୀୟ ପିଇଟି କଲେଜ ପଡ଼ିଆରେ ସୋମବାର ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏକ ସୁସ୍ଥ ଓ ସମତା ଭିତ୍ତିକ ସମାଜ ଗଠନ କରିବା ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧକ୍ଷା ରୂପା ଦଳେଇ, ବିଡିଓ ତପନ କୁମାର ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଲିକ, ଜିଲା ସଂଯୋଜକ ନିହାରିକା ବିଶ୍ୱାଳ, ମନସ୍ୱିନୀ ସ୍ୱାଇଁ, ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଭାଗୀରଥି ନନ୍ଦ ଓ ବ୍ଲକ ବିଜେଡି ସଭାପତି ଅଜିତ ଧୀର ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ନିଜିଗଡ଼ ପରିକ୍ରମା କରି ସଭାସ୍ଥଳକୁ ଆସିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା କଳାକାରମାନଙ୍କୁ ବିଧାୟକ ସ୍ୱାଇଁ ପୁରସ୍କୃତ କରିଥିଲେ। କିରଣ କୁମାର ସାହୁ, ରଞ୍ଜୀତ କୁମାର ସ୍ୱାଇଁ ଓ ମନୋରଞ୍ଜନ ମହାନ୍ତି ଏହାକୁ ପରିଚାଳନା କରିଥିଲେ।

### ମାହାଙ୍ଗାରେ ସଭା କରିବେ ଦାମ

**ଲଳିତଗିରି,୧।୧୦(ସ୍ୱ.ପ୍ର.):** ମାହାଙ୍ଗାର ନୁର୍ତ୍ତାଙ୍ଗଠାରେ ବିରୂପା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ମଙ୍ଗଳବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯିବା ସହ ଏକ ସଭା ଆୟୋଜନ କରାଯିବ। ଏହି ସଭାରେ ବିଜେଡିରୁ ବହିଷ୍କୃତ ନେତା ଡା. ଦାମୋଦର ରାଉତ ମୁଖ୍ୟଅତିଥିଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତେବେ ଡା. ରାଉତ କୁଜଙ୍ଗରେ ହୋଇଥିବା ବିଜେଡି ମହିଳା ସମାବେଶକୁ ଟକ୍କର ଦେବା ପାଇଁ ପ୍ରତାପ ଜେନାଙ୍କ ଗଡ଼ରେ ଏଭଳି ସମାବେଶ କରିବା ପାଇଁ ଆସୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଡା. ରାଉତ ଏଠାରେ କାହା ବିରୋଧରେ ବିଷୋଦ୍‌ଗାର କରୁଛନ୍ତି ତାହା ସଭା ପରେ ଜଣାପଡ଼ିବ।

### ଆଜିଠାରୁ ମା'ଚର୍ଚ୍ଚିକାଙ୍କ ଷୋଳପୂଜା

**ବାଙ୍କୀ,୧।୧୦(ସ୍ୱ.ପ୍ର.):** ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିପାଇଁ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ଦିର ଚତୁଃପାର୍ଶ୍ୱ ସଫେଇ, ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ଓ ଆଲୋକୀକରଣ ଆଦି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଦେବୀଙ୍କ ଷୋଳପୂଜା ୧୬ଦିନ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ୧୫ଦିନ ପାଳିତ ହେବ। ପୂଜା ସମୟରେ ନାନା ନୀତିକାନ୍ତି ପାଳନ କରାଯିବ। ପୀଠରେ ମହାସପ୍ତମୀ ୧୫, ମହାଷ୍ଟମୀ ୧୬, ମହାନବମୀ ୧୭ ଓ ୧୯ତାରିଖରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବ ବୋଲି ରାଜଗୁରୁ ଶ୍ୟାମସୁନ୍ଦର ମହାପାତ୍ର ପ୍ରକାଶ କରିଛନ୍ତି।

■ ପୋଡ଼ାନାଳ ଉପରେ ସେତୁ ନିର୍ମାଣକୁ ବାସେଳିହତା ପଞ୍ଚାୟତବାସୀଙ୍କ ବିରୋଧ

# ବାଲିଝରିବାସୀଙ୍କ ରାସ୍ତା ଅବରୋଧ

**ନରସିଂହପୁର,୧।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ନରସିଂହପୁର ବ୍ଲକ ବାଲିଝରି ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗହିର ମଧ୍ୟରେ ଥିବା ପୋଡ଼ା ନାଳ ଉପରେ ଏକ ବିଜୁ ସେତୁ ନିର୍ମାଣ ହେବାକୁ ସ୍ଥିର ହୋଇଛି। ତେବେ ଏହି କାର୍ଯ୍ୟକୁ ବାସେଳିହତା ପଞ୍ଚାୟତବାସୀ ବିରୋଧ କରୁଛନ୍ତି। ଫଳରେ ଏଠାରେ ସେତୁ ନିର୍ମାଣ ହୋଇ ପାରୁନାହିଁ। ତେଣୁ ଏହାର ପ୍ରତିବାଦରେ ବାଲିଝରି ପଞ୍ଚାୟତବାସୀ ସୋମବାର ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନରସିଂହପୁର-କଟକ ୬୫ ନମ୍ବର ରାଜ୍ୟ ରାଜପଥକୁ ବାଲିଝରିଠାରେ ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ଅପରାହ୍ନରେ ତହସିଲଦାର ରଜକିଶୋର ଜେନା, ବିଡିଓ ପ୍ରଶାନ୍ତ କୁମାର ତରାଇ ଓ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଚନ୍ଦ୍ର ପାଲ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ୭ ଦିନ ମଧ୍ୟରେ ବିବାଦର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ତେବେ ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି ବାଲିଝରି ସରପଞ୍ଚ ମନମୋହନ ନାୟକ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ବାଲିଝରି ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ, ଶ୍ୟାମସୁନ୍ଦରପୁର ଗ୍ରାମ ନିକଟ ଗହିରରେ ଏକ ନାଳ ପ୍ରଭାବିତ ହୋଇ ମହାନଦୀରେ ମିଶିଛି। ଏହି ନାଳର ଦୁଇ ପାର୍ଶ୍ୱରେ ସେମାନଙ୍କ ଚାଷ ଜମି ରହିଛି। ତେବେ ବର୍ଷାଦିନେ ଏହି ନାଳରେ ୧୦ଫୁଟ ଉଚ୍ଚତାର ପାଣି ପ୍ରବାହିତ ହେଉଥିବାରୁ ସେମାନେ ନାଳ ପାର ହୋଇ ଅପରପଟକୁ ଯାଇପାରୁ ନାହାନ୍ତି। ଏପରି କି ଗତ ବର୍ଷ ଜଣେ ଚାଷୀ ନାଳରେ ପଶି ଯାଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଥିଲା। ପରେ ଗ୍ରାମବାସୀ ସେତେବେଳେ ରାସ୍ତା ଅବରୋଧ କରିବା ସହ ପୋଡା ନାଳ ଉପରେ ଏକ ବିଜୁ ସେତୁ ନିର୍ମାଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଫଳରେ ସରକାର ସେତୁ ନିର୍ମାଣ କରିବା ନିମନ୍ତେ ଅର୍ଥ ମଞ୍ଜୁର କରିଛନ୍ତି। ବର୍ତ୍ତମାନ ଏକଠିକା ସଂସ୍ଥା କାମ ଆରମ୍ଭ କରିବାରୁ ପଡ଼ୋଶୀ ବାସେଳିହତା ପଞ୍ଚାୟତବାସୀ ତାହାକୁ ବିରୋଧ କରୁଛନ୍ତି। ନାଳଟି ବାସେଳିହତା ଓ ବାଲିଝରି ପଞ୍ଚାୟତର ମଧ୍ୟସ୍ଥଳରେ ରହିଥିବାରୁ ବିବାଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବାଲିଝରି ପଞ୍ଚାୟତବାସୀ ୧୫ଦିନି ତଳେ ପ୍ରଶାସନକୁ ଜଣାଇ ସମାଧାନ କରିବାକୁ କହିଥିଲେ। ଏ ପର୍ଯ୍ୟନ୍ତ ଘଟଣାର ସମାଧାନ ନ ହେବାରୁ ସେମାନେ ରାସ୍ତା ଅବରୋଧ କରିଥିବା କହିଛନ୍ତି। ତେବେ ବାସେଳିହତା ପଞ୍ଚାୟତବାସୀ ଏହାକୁ କାହିଁକି ବିରୋଧ କରୁଛନ୍ତି ତାହାର କାରଣ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପ୍ରଶାସନ ଏହାର ସମାଧାନ କଲାପରେ ସେତୁ ନିର୍ମାଣ ହେବ ବୋଲି ଜଣାପଡ଼ିଛି।

- ■ବିରୋଧ ଯୋଗୁ ହୋଇ ପାରୁନି କାମ ଆରମ୍ଭ
- ■ଶୀଘ୍ର ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରିବାକୁ ଚେତାବନୀ
- ■ବର୍ଷାଦିନେ ନାଳରେ ୧୦ଫୁଟ ଉଚ୍ଚତାର ପାଣି ପ୍ରବାହିତ ହେଉଛି

# ସାଲେପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର

**ସାଲେପୁର,୧।୧୦(ଡି.ଏନ.ଏ)**

ସାଲେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ୨୨୯ ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି କରି ସେ ସବୁର ସମାଧାନ କରିଛନ୍ତି। ଏ ନେଇ ବିଡିଓ ଶିବବ୍ରତ ଘୋଷ ସୂଚନା ଦେଇଛନ୍ତି। ଏହାପରେ ଜିଲାପାଳ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରିଥିଲେ। ୭ଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୮ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜନଶୁଣାଣିରେ ବିଶେଷକରି ଭତ୍ତା, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା ଓ ପାଇଖାନା ନିର୍ମାଣ ଉପରେ ଅଧିକ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଏଡିଏମ୍ ବିଜୟ ଖଣ୍ଡାୟତରାୟ, ଉପଜିଲାପାଳ ସୁକାନ୍ତ ପ୍ରଧାନ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ସାହୁ, ସହକାରୀ ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସାହୁ, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ସାଗର ମହାନ୍ତି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ ରଞ୍ଜନ ସିହ୍ନା, ତହସିଲଦାର ପଦ୍ମଜା ଦାଶ, ଜିଲା କୃଷି ଅଧିକାରୀ ମୋହନ ପ୍ରସାଦ ଶର୍ମା, ଏବିଡିଓ ପ୍ରସନ୍ନ ମଲ୍ଲିକ୍, ସିଡିପିଓ ସୁଷମା ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ୍ ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁ ଓ ବ୍ଲକ୍ ଅଧକ୍ଷା ମମତା ରାଉତଙ୍କ ସମେତ ଜିଲା ଏବଂ ବ୍ଲକ୍‌ର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଜିପିଟିଏ ମହେନ୍ଦ୍ର ସାମଲଙ୍କ ସମେତ ବ୍ଲକ୍ କର୍ମଚାରୀମାନେ ପରିଚାଳନା କରିଥିଲେ। ଶିବିର ୧୦ଟା୩୦ରେ ଆରମ୍ଭ ହେବ ବୋଲି ବ୍ଲକ୍ ପ୍ରଶାସନକୁ ଅବଗତ କରାଯାଇଥିଲା। ତେବେ ଜିଲାପାଳ ଅଗ୍ରୱାଲ ପ୍ରାୟ ୧୧ଟା୩୦ରେ ପହଞ୍ଚି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଫଳରେ ଅଭିଯୋଗ କରିବାକୁ ଆସିଥିବା ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ନିଶ୍ଚିନ୍ତକୋଇଲି,୧।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ସୋମବାର ନେମାଳ ନଗସପୁର ରାସ୍ତାର ମୂଲୁସୁଆଙ୍ଗ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ନଗସପୁର ପଞ୍ଚାୟତ ବରହମପୁର ଗ୍ରାମର ଝୁଲ ଗୁରୁଙ୍କ ପୁଅ ଧୀରେନ୍ଦ୍ର ଗୁରୁ (୨୭) ବାଇକ ଯୋଗେ ନେମାଳରୁ ନିଶ୍ଚିନ୍ତକୋଇଲି ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦୀଗରୁ ଅନ୍ୟ ଏକ ବାଇକରେ ଝାଡେଶ୍ୱରପୁର ପଞ୍ଚାୟତ ସରୋବରପୁର ଗ୍ରାମର କାର୍ତ୍ତିକ ମଳିକଙ୍କ ପୁଅ ଲୋକନାଥ ମଳିକ(୨୪)ଆସୁଥିଲେ। ଉଭୟ ଭାରସାମ୍ୟ ହରାଇ ପରସ୍ପର ମଧ୍ୟରେ ଧକ୍କା ଦେଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଧୀରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ଖବରଦାତା ସମ୍ମିଳନୀରେ ଭାଜପା ନେତାଙ୍କ ଅଭିଯୋଗ

# ଆୟୁଷ୍ମାନ ଭାରତକୁ ଉପେକ୍ଷିତ କରୁଛି ବିଜେଡି

**ନିଶ୍ଚିନ୍ତକୋଇଲି,୧।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆୟୁଷମାନ ଭାରତ ଯୋଜନାକୁ ଓଡ଼ିଶାରେ ଉପେକ୍ଷା କରାଯାଉଛି। ଫଳରେ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ସୋମବାର ମାହାଙ୍ଗା ନିର୍ବାଚନମଣ୍ଡଳୀ ଭାଜପା ମଣ୍ଡଳ ପକ୍ଷରୁ ନିଶ୍ଚିନ୍ତକୋଇଲି ବଜାର ଦେବୀ କୃପା ମଣ୍ଡପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ମୁଖ୍ୟ ଅତିଥିଭାବେ ମାହାଙ୍ଗା ଭାଜପା ନେତା ଶାରଦା ପ୍ରଧାନ ଯୋଗଦେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ହାଇଜାକ୍ କରୁଥିବା ବେଳେ ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଉପେକ୍ଷିତ କରୁଛନ୍ତି ବୋଲି କହିଥିଲେ। ତେବେ ଆଗାମୀ ଦିନରେ ଉଭୟ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ନିର୍ବାଚନମଣ୍ଡଳୀର ସମସ୍ତ ଗଳି କନ୍ଦିରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବ। ୬୦ ହଜାରରୁ ଊର୍ଦ୍ଧ୍ୱ ସ୍ୱାକ୍ଷର ଥିବା ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ଏ ନେଇ ପଞ୍ଚାୟତ ଓ ସହରାଞ୍ଚଳରେ ପଥପ୍ରାନ୍ତ ସଭା ମାଧ୍ୟମରେ ଦୃଢ ଜନମତ ସୃଷ୍ଟି କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଭାଜପା ନେତା ସମୀର ସାମଲ, ମହିଳା ମୋର୍ଚ୍ଚାର ଯାଜ୍ଞସେନୀ ଜେନା, ଭାଜପା ମଣ୍ଡଳ ଜୋନ ସଭାପତି ତ୍ରିବିକ୍ରମ ସ୍ୱାଇଁ, ଅଶୋକ କୁମାର ପଣ୍ଡା, ବିପ୍ଳବ କେଶରୀ କାପ ଓ ଯୁବ ନେତା ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ନିଶ୍ଚିନ୍ତକୋଇଲିରେ ବିଜୁ ମହିଳା ଜନତା ଦଳ ମହାସମାବେଶ

# 'ମହିଳାଙ୍କୁ ସ୍ୱାବଲମ୍ବୀ କରିଛନ୍ତି ରାଜ୍ୟ ସରକାର'

**ନିଶ୍ଚିନ୍ତକୋଇଲି,୧।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ଗ୍ରାମାଞ୍ଚଳ ମହିଳାଙ୍କୁ ରନ୍ଧନ ଗ୍ୟାସ ଯୋଗାଇ ଆତ୍ମପ୍ରଚାର କରୁଥିବା ଭାଜପା ଶାସିତ କେନ୍ଦ୍ର ସରକାର ଏବେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି କରି ମହିଳାଙ୍କ ଆଖିରେ ଲୁହ ଦେଉଛନ୍ତି। ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପଡିଆରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳ ମହାସମାବେଶରେ ନାରୀ ନେତ୍ରୀମାନେ ଯୋଗଦେଇ ଏହା କହିଛନ୍ତି। ମହାସମାବେଶରେ କଟକ ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସୁଭଦ୍ରା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ରାଜ୍ୟ ସରକାର ପ୍ରଥମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସାମାଜିକ ସୁରକ୍ଷା ପ୍ରଦାନ କରି ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ରାଜ୍ୟ ସରକାର ମହିଳାଙ୍କୁ ଅଗ୍ରାଧିକାର ଦେଇଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ରାଜ୍ୟ ଶିଶୁ ସୁରକ୍ଷା ଆୟୁକ୍ତ କସ୍ତୁରୀ ମହାପାତ୍ର, ରାଜ୍ୟ ବିଜୁ ଜନତା ଦଳ ସମ୍ପାଦିକା ଏଲିନା ଦାସ, କଟକ ମହାନଗର ନିଗମ ମେୟର ମୀନାକ୍ଷୀ ବେହେରା, କଟକ ଜିଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷା ସବିତା ମହାନ୍ତି, ମାହାଙ୍ଗା ବ୍ଲକ ଉପାଧକ୍ଷା ରସିଦା ବେଗମ, ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୌଭାଗିନୀ ସେନାପତି, ଜିଲାପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ସରପଞ୍ଚ ବନ୍ଦନା ମାଝୀ ଓ ପୂର୍ବତନ ସରପଞ୍ଚ ନସିମା ବିବି ପ୍ରମୁଖ ଯୋଗଦେଇ କେନ୍ଦ୍ରସରକାର ମହିଳାଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ସମିତିସ୍ୟ ସଂଘ ଉପଦେଷ୍ଟା ଅଶୋକ ଓଝା ପ୍ରମୁଖ ପରିଚାଳନା କରିଥିଲେ।



ବିଜୁ ମହିଳା ଜନତା ଦଳ ସମାବେଶରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ଆକାଶ



@ ଆଝାର



@ ବିବେକାନନ୍ଦ



@ ବିଦ୍ୟା



@ ଶୁଭଶ୍ରୀ



@ ବିରଞ୍ଚି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ। -ପଣ୍ଡିତ ନୀଳକଣ୍ଠ ଦାସ



## ଆଜି କ'ଣ କେଉଁଠି

**କଟକ**

- ଭାଜପା କଟକ ନଗର ଜିଲା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ, ବକ୍ସିବଜାର ଛକ, ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଫାଟକ ସମ୍ମୁଖ, ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଅଭିଯାନ, ବାଦାମବାଡ଼ି, ସକାଳ ୮ଟା ୩୦।
- ରକ୍ତଦାନ ଶିବିର, ବୃକ୍ଷରୋପଣ ଓ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ, ଡିଏଭି ପବ୍ଲିକ ସ୍କୁଲ, ସେକ୍ଟର-୬, ସିଡିଏ, ସକାଳ ୯ଟା।
- କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ, ଗାନ୍ଧୀପଡ଼ିଆ, ତେଲେଙ୍ଗାପେଣ୍ଠ, ସକାଳ ୯ଟା ୩୦।
- ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବିଦ୍ୟାଳୟସ୍ତରୀୟ 'ଜାତିର ଜନକ ମହାତ୍ମା ଗାନ୍ଧୀ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା, ଓଡ଼ିଶା ନାରୀ ସେବା ସଦନ, ବକ୍ସିବଜାର, ପୂର୍ବାହ୍ନ ୧୦ଟା।
- ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ପୁସ୍ତକ 'ସ୍ମୃତିରେ କୁଲଦୀପ ନାୟାର'ର ଲୋକାର୍ପଣ ଉତ୍ସବ, ଗାନ୍ଧୀ ସ୍ମୃତିପୀଠ, ପୁରୀଘାଟ, ପୂର୍ବାହ୍ନ ୧୦ଟା।
- ୧୫୦ତମ ଗାନ୍ଧୀ ଜୟନ୍ତୀ ଉତ୍ସବ, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ସାଧାରଣ ସଭା, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**କଣ୍ଟାପଡା, ୧।୧୦(ଡି.ଏନ୍.ଏ.)-** ସାପ କାମୁଡ଼ାରେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତଣ୍ଡିକଣା ଗ୍ରାମର ଗିରିଧାରୀ ବେହେରା(୬୫)ଙ୍କ ସୋମବାର ମୃତ୍ୟୁ ଘଟିଛି। ସକାଳେ ସେ ଘଷିଗଦାରୁ ଘଷି ଆଣିବା ପାଇଁ ଯାଉଥିଲେ। ବାଟରେ ଘାସ ଭିତରେ ଥିବା ଏକ ବିଷାକ୍ତ ସାପ ଉପରେ ତାଙ୍କର ପାଦ ପଡିଯିବାରୁ ସାପ ତାଙ୍କୁ ଚୋଟ ମାରି ପଳାଇ ଯାଇଥିଲା। ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ହାତୀ ଉପଦ୍ରବ, ଫସଲ ନଷ୍ଟ

**ଟାଙ୍ଗୀ(କଟକ),୧।୧୦(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ମଣିଆମୌଜା କେତକୀଝର ଓ କାଳିଆପଲ୍ଲୀ ଗ୍ରାମରେ ଦୀର୍ଘ କିଛି ଦିନ ହେବ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ରବିବାର ରାତିରେ ଗଙ୍ଗା ତିରିଆ, ଦାସ ତିରିଆ ଓ ନରେନ୍ଦ୍ର ପୂର୍ତ୍ତିଙ୍କ କ୍ଷେତରେ ହାତୀ ପଲ ପଶି ଧାନ ଫସଲ ଖାଇବା ସହିତ ନଷ୍ଟ କରିଦେଇଛନ୍ତି। ଏ ନେଇ ସ୍ଥାନୀୟ ଚାଷୀମାନେ ବନବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ କୌଣସି ପଦକ୍ଷେପ ପଦକ୍ଷେପ ନେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଚାଷୀମାନେ ବନବିଭାଗ ନିକଟରେ ଦାବି କରିଛନ୍ତି। କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ସଫା ସେକ୍ସନ ଅନ୍ତର୍ଗତ ଉକ୍ତ ଗ୍ରାମ ଗୁଡିକ ପାଞ୍ଚଭାୟା ସଂରକ୍ଷିତ ଜଙ୍ଗଲ ପାଖରେ ଥିବାରୁ ହାତୀଙ୍କ ଭୟ ରହୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଏସ୍‌ସିବି ସମାବର୍ତ୍ତନ ଉତ୍ସବର ତଦନ୍ତ ଆରମ୍ଭ

**କଟକ ଅଫିସ, ୧।୧୦-** ଗତ ୧୧ ତାରିଖରେ ଏସ୍‌ସିବି ମେଡିକାଲ କଲେଜର ହାଉସ ସର୍ଜନ ସଂଘର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ପରବର୍ତ୍ତୀ ଅବସ୍ଥାରେ ବିବାଦ ଉପୁଜିଥିଲା। କାରଣ କଲେଜରେ ସମାବର୍ତ୍ତନ ଉତ୍ସବ ଆୟୋଜିତ ହେବାର କୌଣସି ବିଧିବ୍ୟବସ୍ଥା ନାହିଁ। ମାତ୍ର ପ୍ରଥମ ଥର ପାଇଁ ଏସ୍‌ସିବିରେ ଏଭଳି ଆୟୋଜନ କରାଯାଇଥିଲା। ଏହାର ତଦନ୍ତ ପାଇଁ ସୋମବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଅଶୋକ ମିଶ୍ର ଏସ୍‌ସିବି ମେଡିକାଲ ଆସିଥିଲେ। ମେଡିକାଲ କଲେଜର ପଦାଧିକାରୀମାନଙ୍କୁ ଉତ୍ସବ ଆୟୋଜନ ସମ୍ପର୍କରେ ମିଶ୍ର ପଚରାଉଚରା କରିଥିବା ଜଣାପଡ଼ିଛି।

# ସିଏମ୍‌ସି ଲିଫ୍ଟକୁ ଭୟ

- ବିଜୁଳି ଥାଇ ବି ଅଧାରେ ଅଟକୁଛି
- ମେଣ୍ଟେନାନ୍ସ ବାବଦକୁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା

**କଟକ ଅଫିସ, ୧।୧୦**

ସହରର ବିଭିନ୍ନ ଅବ୍ୟବସ୍ଥାକୁ ନେଇ କଟକ ମହାନଗର ନିଗମ (ସିଏମ୍‌ସି)କୁ ଲୋକେ ଦାୟୀ କରିବା କିଛି ନୂଆ କଥା ନୁହେଁ। ହେଲେ ଏବେ ସିଏମ୍‌ସି କାର୍ଯ୍ୟାଳୟରେ ଲିଫ୍ଟକୁ ନେଇ କର୍ପୋରେଟର ଓ କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବିଦ୍ୟୁତ୍ ସରବରାହ ହଠାତ୍ ବନ୍ଦ ନ ହେଲେ ବି ଅଧାରେ ଅଟକିଯାଉଛି ଲିଫ୍ଟ। ଲିଫ୍ଟମ୍ୟାନ ନ ଥିବାରୁ ଲିଫ୍ଟରେ ଫସିଥିବା ଲୋକଙ୍କୁ କେବଳ ସିଏମ୍‌ସିରେ କାମ କରୁଥିବା ସୁରକ୍ଷାକର୍ମୀ ହିଁ ସାହା। ବାହାରୁ ଯାଇ ସୁରକ୍ଷାକର୍ମୀ ମେକାନିକକୁ ଡାକିବା ପରେ ହିଁ ଲିଫ୍ଟରେ ଫସିଥିବା ଲୋକ ମୁକୁଳି ପାରୁଛନ୍ତି। ୨୦୦୯ରେ ପ୍ରାୟ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରି ସିଏମ୍‌ସି କାର୍ଯ୍ୟାଳୟରେ ଲାଗିଥିବା ତିନି ମହଲା ବିଶିଷ୍ଟ ଇଭିଏସ କମ୍ପାନୀର ଦୁଇଟି ଲିଫ୍ଟର ଏବେ ଏଭଳି ଅବସ୍ଥା। ଅଧିକାଂଶ ସମୟରେ ଏହା ଅଧାରୁ ଅଟକି ଯାଉଛି। ନିକଟରେ ଏଭଳି ସମସ୍ୟାର ଶିକାର ହୋଇଛନ୍ତି ଖୋଦ୍ ମେୟର ମୀନାକ୍ଷୀ ବେହେରା, କର୍ପୋରେଟର ରଞ୍ଜିତା ବିଶ୍ୱାଳ, ଡେପୁଟି ମେୟର ଅଜୟ ବାରିକ ଏବଂ ଅନ୍ୟ କିଛି କର୍ପୋରେଟର। ଲିଫ୍ଟରେ ଫସିଥିବା ବେଳର ଅନୁଭୂତି ସମ୍ପର୍କରେ କର୍ପୋରେଟର ରଞ୍ଜିତା ବିଶ୍ୱାଳ କହିଛନ୍ତି, ଦୁଇଟିଯାକ ଲିଫ୍ଟ ଅଧାରୁ ଅଟକି ଯାଉଛି। ତେଣୁ ହୃଦ୍ ସମସ୍ୟା ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ବିପଦ। ଅଫିସର, କର୍ପୋରେଟରଙ୍କ କଥା ଛାଡନ୍ତୁ, ବିଭିନ୍ନ ଅଭିଯୋଗ ନେଇ ସିଏମ୍‌ସି କାର୍ଯ୍ୟାଳୟକୁ ଆସୁଥିବା ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନେ ତିନି ମହଲା ଚଢି ଯିବା କଷ୍ଟସାଧ। ଏଭଳି ସ୍ଥିତିରେ ସେମାନେ ଲିଫ୍ଟ ଉପରେ ଭରସା କଲେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି ବୋଲି କହିଛନ୍ତି କର୍ପୋରେଟର ରଞ୍ଜିତା।

ସିଏମ୍‌ସିର ଇଞ୍ଜିନିୟରିଂ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଏଠାରେ ଲିଫ୍ଟ ଲାଗିବା ସମୟରେ ହୋଇଥିବା ଟେଣ୍ଡରରେ ୩ଟି କମ୍ପାନୀ ଆବେଦନ କରିଥିଲେ ସେଥିମଧ୍ୟରୁ ଇଭିଏସ କମ୍ପାନୀକୁ ଏହି କାମ ମିଳିଥିଲା। ବାର୍ଷିକ ମେଣ୍ଟେନାନ୍ସ ବାବଦକୁ କମ୍ପାନୀ ବାର୍ଷିକ ୧ ଲକ୍ଷ ୨୦ ହଜାର ଟଙ୍କା ନେଉଛି। ଅନ୍ୟପଟେ ଇଭିଏସ କମ୍ପାନୀର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଲିଫ୍ଟରେ ସେନସର ଡୋର ପାଖରେ ପାନଛେପ ପକାଇ ଦେଉଥିବାରୁ ଏହିଭଳି ସମସ୍ୟା ଦେଖାଦେଉଥାଇପାରେ। କମ୍ପାନୀ ଅଧିକାରୀ ଏଭଳି କହୁଥିବାବେଳେ ବାସ୍ତବରେ ସେଭଳି କିଛି ଲକ୍ଷଣ ନ ଥିବା ଲିଫ୍ଟକୁ ଯାଇ ଦେଖିବା ପରେ ଜଣାପଡ଼ିଥିଲା। ସେହିପରି ଲିଫ୍ଟରେ ପାନଛେପ ପଡିବା ଯୋଗୁ ଏଭଳି ସମସ୍ୟା ହେଉଛି ବୋଲି କହିବା ଏକ ବାହାନା ବୋଲି କହିଛନ୍ତି ସିଏମ୍‌ସି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସୁଶାନ୍ତ ଭୂୟାଁ। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ସମସ୍ୟାକୁ ସୁଧାରିବା ପାଇଁ ସିଏମ୍‌ସି ପକ୍ଷରୁ ଆଉ ଗୋଟିଏ ଲିଫ୍ଟ ସେବା ପ୍ରଦାନକାରୀ କମ୍ପାନୀ ସହ ସୋମବାର ମୌଖିକ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଲିଫ୍ଟ ପାଇଁ ହୋଇଥିବା ଟେଣ୍ଡରରେ କମ୍ପାନୀକୁ ଅନୁଗ୍ରହ ଦେଖାଯାଇଥିବା ଜଣାପଡୁଛି ବୋଲି ଅଭିଯୋଗ ଆଣିଛନ୍ତି କର୍ପୋରେଟର ଗିରିବାଳା ବେହେରା।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ଉତ୍କଳ ସେବକ ସମାଜ, ରାଜ୍ୟ ରୋଗୀ ଅଧିକାର ମଞ୍ଚ ଓ ଇଣ୍ଟର ନ୍ୟାଶନାଲ କ୍ଲବର କର୍ମକର୍ତ୍ତାମାନେ ସମର୍ଥନ ଜଣାଉଛନ୍ତି।

## ଏସ୍‌ସିବିରେ ପ୍ଲାଷ୍ଟିକ, ପଲିଥିନମୁକ୍ତ କାର୍ଯ୍ୟକ୍ରମ

**କଟକ ଅଫିସ, ୧।୧୦**

ଉତ୍କଳ ସେବକ ସମାଜ, ରାଜ୍ୟ ରୋଗୀ ଅଧିକାର ମଞ୍ଚ ଓ ଇଣ୍ଟର ନ୍ୟାଶନାଲ କ୍ଲବର ମିଳିତ ଉଦ୍ୟମରେ ଏସ୍‌ସିବି ମେଡିକାଲରେ ସ୍ୱଚ୍ଛ ଭାରତ ଓ ପଲିଥିନ/ପ୍ଲାଷ୍ଟିକମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ପ୍ରଫେସର ଆଶୁତୋଷ ଦେବତା, ଶିକ୍ଷାବିତ୍ ପ୍ରଫେସର ଡ. ଦାମୋଦର ବିଶ୍ୱାଳ, ରାଜ୍ୟ ରୋଗୀ ଅଧିକାର ମଞ୍ଚର ବ୍ରାଣ୍ଡ ଆମ୍ବାସଡର ଅଭିନେତା ଶ୍ରୀତମ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୋଟ ୭୫ ଜଣ କର୍ମୀ ୫ଟି ଦଳରେ ବିଭକ୍ତ ହୋଇ ଏସ୍‌ସିବିର ମୁଖ୍ୟ ଗେଟ୍ ମଙ୍ଗଳାବାଗଠାରୁ ଆରମ୍ଭ କରି ଅଧକ୍ଷ, ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମାନସିକ ରୋଗ ବିଭାଗ, ଟିବି ରୋଗ ବିଭାଗ, ଏଆର୍‌ଟି ସେଣ୍ଟର, କାଜୁଆଲ୍‌ଟି, ଅସ୍ଥିଶଲ୍ୟ ବିଭାଗ ଆଦି ସ୍ଥାନରୁ ପ୍ଲାଷ୍ଟିକ ଖୋଳ, ଜରି, ପଲିଥିନ ଓ ଅଳିଆ ସଫା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଙ୍ଗଳାବାଗ ଅଞ୍ଚଳର ବରିଷ୍ଠ ମୁରବୀ ସୁଦାମ ଚରଣ ପ୍ରଧାନ, ସମ୍‌ସିର ମହମ୍ମଦ, ଇଣ୍ଟରନ୍ୟାଶନାଲ କ୍ଲବର ସଭାପତି ବିଦ୍ୟାଧର ମହାପାତ୍ର, ସମ୍ପାଦକ ଗଣେଶ ଚନ୍ଦ୍ର ଦାସ, ଆବାହକ ସୁବାସ ଦାସଙ୍କ ସମେତ ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ପରିଚାଳନା କରିଥିଲେ।

## ପ୍ଲାଷ୍ଟିକ ବର୍ଜନ ସଚେତନତା ପଦଯାତ୍ରା



ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ଓ କର୍ପୋରେଟର ରଞ୍ଜିତା ବିଶ୍ୱାଳଙ୍କ ସମେତ ବିଭିନ୍ନ ମହିଳା ସଂଗଠନର କର୍ମୀମାନେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

**କଟକ ଅଫିସ, ୧।୧୦**

କଟକ ମହାନଗର ନିଗମ(ସିଏମ୍‌ସି)ର ୭ନମ୍ବର ୱାର୍ଡରେ ସୋମବାର ପ୍ଲାଷ୍ଟିକ ବର୍ଜନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା ଓ କର୍ପୋରେଟର ରଞ୍ଜିତା ବିଶ୍ୱାଳଙ୍କ ସମେତ ବହୁ ମହିଳା ଯୋଗଦେଇଥିଲେ। ଏହି ପଦଯାତ୍ରା ଦେଉଳିସାହି ଧୋବାସାହିଠାରୁ ବାହାରି ବଙ୍ଗାଳିସାହି, ହରିଜନ ସାହି, ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ ଦେଇ ଫେରିଥିଲା। ୭ନଂ. ୱାର୍ଡର ବିଜୁ ଯୁବବାହିନୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପ୍ଲାଷ୍ଟିକ ବ୍ୟବହାର ଆମ ପରିବେଶ ପାଇଁ କେତେ ମାରାତ୍ମକ ତାହା ଉପରେ ଆଲୋଚନା ମଧ ହୋଇଥିଲା। ଏଥିସହିତ ଆସନ୍ତୁ ଆମେ ସମସ୍ତେ ପ୍ଲାଷ୍ଟିକ ବର୍ଜନ କରି ଏକ ସୁସ୍ଥ ପରିବେଶ ଗଢିତୋଳିବାକୁ ସ୍ୱପ୍ନ ଦେଖିବା ବୋଲି ୱାର୍ଡବାସୀଙ୍କୁ କର୍ପୋରେଟର ବିଶ୍ୱାଳ କହିଥିଲେ।

## ■ ପ୍ଲାଷ୍ଟିକ ବ୍ୟବହାର କଟକଣା ସମ୍ପର୍କିତ ବୈଠକ
## କଟକକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଆହ୍ୱାନ

**କଟକ ଅଫିସ, ୧।୧୦**

ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ଲାଷ୍ଟିକ ବ୍ୟବହାର କଟକଣା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି)ର ମିଳିତ ସହଯୋଗରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରିଥିଲେ। ମଙ୍ଗଳବାର ଗାନ୍ଧୀଜୟନ୍ତୀଠାରୁ କଟକ ସହରକୁ ପ୍ଲାଷ୍ଟିକମୁକ୍ତ ଜୋନ୍‌ରେ ପରିଣତ କରିବା ଏବଂ ପଲିଥିନକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ପରିବେଶବିତ୍ ଡ. ଆଶୁତୋଷ ଦେବତା କହିଲେ, ପ୍ଲାଷ୍ଟିକ ବ୍ୟବହାରକୁ ନା କହିବା, ବୃକ୍ଷରୋପଣ ଅଧିକ କରିବା, ଆଗାମୀ ପୀଢି ପାଇଁ ମଙ୍ଗଳଦାୟକ ହେବ। ପ୍ଲାଷ୍ଟିକ ବ୍ୟବହାର କଟକଣା ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଜାତୀୟ ସ୍ତରରେ ପ୍ରଶଂସନୀୟ ହୋଇଛି। କଟକକୁ ଧୀରେ ଧୀରେ ପ୍ଲାଷ୍ଟିକମୁକ୍ତ ଜିଲାରେ ପରିଣତ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, କମିଶନର ଶରତ ଚନ୍ଦ୍ର ନାୟକ, ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ହରିଶ ଚନ୍ଦ୍ର ନାୟକ, ପିଡି ଡିଆର୍‌ଡିଏ ସରୋଜକାନ୍ତ ମହାନ୍ତି, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡିଜିପିଙ୍କୁ ଭେଟିଲା କଟକ ସାମ୍ବାଦିକ ସଂଘ, ରେଭେନ୍‌ଶା ଜେଏମ୍‌ସି ଛାତ୍ରୀଛାତ୍ର

**ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା**

**କଟକ ଅଫିସ, ୧।୧୦**

କିଛିଦିନ ତଳେ ସାମ୍ବାଦିକମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନିନ୍ଦା କରି ସୋମବାର ଡିଜିପିଙ୍କୁ ଭେଟି ଦାବିପତ୍ର ଦେଇଛି କଟକର କାର୍ଯ୍ୟରତ ସାମ୍ବାଦିକ ସଂଘ। ନିକଟରେ ପୁରୀରେ ସାମ୍ବାଦିକମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସର ସମ୍ପୃକ୍ତି ସବୁଠାରୁ ନିନ୍ଦନୀୟ ବୋଲି ସଂଘ ସଭାପତି ତଥା ସାମ୍ବାଦିକ ଦୀପେଶ ମହାପାତ୍ର କହିଛନ୍ତି। ତେବେ ଆକ୍ରମଣ ଘଟଣାରେ ଦୋଷୀମାନଙ୍କ ବିରୋରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ଡା. ଆର.ପି. ଶର୍ମା ପ୍ରତିଶ୍ରୁତି ଦେବା ସହ ଭବିଷ୍ୟତରେ କିଭଳି ଏହିଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେ ନେଇ ପୋଲିସ ସଚେତନ ହେବ ବୋଲି କହିଥିଲେ। ପୁରୀ ଏବଂ ବାଲେଶ୍ୱର ଜିଲା ସୋର ଠାରେ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ(ଜେଏମ୍‌ସି)ର ଛାତ୍ରୀଛାତ୍ରମାନେ ଡିଜିପି ରାଜେନ୍ଦ୍ର ଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି।







(୧) ରେଭେନଶା ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନକୁ ପ୍ରତ୍ୟକ୍ଷ ଭାବେ କରିବା ନେଇ ଛାତ୍ରୀଛାତ୍ରମାନେ ସୋମବାର କୁଳପତିଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। (୨) କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ଅନ୍ୟ ଅଧାପକଙ୍କୁ ଅଟକାଇଥିବାବେଳେ ଛାତ୍ରୀମାନଙ୍କୁ ପୋଲିସ୍ ବୁଝାସୁଝା କରୁଛି। (୩) କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବାବେଳେ ଜଣେ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ବିବେକାନନ୍ଦ



@ ବିଦ୍ୟା



@ ଆଶ୍ୱର



@ ବିରଞ୍ଚି



@ ଆକାଶ



@ ଶୁଭଶ୍ରୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।
- ପଣ୍ଡିତ ନୀଳକଣ୍ଠ ଦାସ



## ଆଜି କ'ଣ କେଉଁଠି

**ଖୋର୍ଦ୍ଧା**

- ଗାନ୍ଧୀ ଜୟନ୍ତୀ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ ଓ ରୋଗୀଙ୍କୁ ଫଳ ବଣ୍ଟନ, ସକାଳ ୭ଟା।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଡେଙ୍ଗୁ ସଚେତନତା ଶୋଭାଯାତ୍ରା, ବିଜେବି ହାଇସ୍କୁଲ, ସକାଳ ୭ଟା ୩୦।
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ଜିଲା ସଂସ୍କୃତି ଭବନ, ସକାଳ ୯ଟା।

**ଜଟଣୀ**

- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସଫେଇ କାର୍ଯ୍ୟକ୍ରମ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସକାଳ ୮ଟା।
- ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀ ସ୍ମୃତି କମିଟି ପକ୍ଷରୁ ସଦ୍ଭାବନା ଯାତ୍ରା, ଗାନ୍ଧୀ ପାର୍କ, ସକାଳ ୮ଟା।

## ବୀମା ସହାୟତା ନ ମିଳିବାରୁ ଚାଷୀଙ୍କ ଧାରଣା

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧।୧୦(ଡି.ଏନ.ଏ.):** ବୀମା ସହାୟତା ନ ମିଳିବାରୁ ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତର ଦେଉଳି ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା ସୋମବାର ଆରମ୍ଭ ହୋଇଛି। ଦେଉଳି ସମବାୟ ଅଧୀନରେ ଥିବା ଗାଁର ଚାଷୀ ୨୦୧୬/୧୭ ଖରିଫ ଋତୁରେ କୃଷିବୀମା ଭୁକ୍ତ ହୋଇଥିଲେ। ସେହିବର୍ଷ ପ୍ରାକୃତିକ ଦୁର୍ବିପାକରେ ଚାଷୀଙ୍କ ଫସଲ ଉଜୁଡି ଯାଇଥିଲା। କ୍ଷୟକ୍ଷତି ଘୋଷଣା କରାଯାଇଥିଲା। ହେଲେ ଚାଷୀ ବୀମାଭୁକ୍ତ ହୋଇବି ଏଥିରୁ ବଞ୍ଚିତ ହୋଇଗଲେ। ଅଭିଯୋଗ ପରେ ବି ସୁଫଳ ନ ମିଳିବାରୁ ଆଞ୍ଚଳିକ କୃଷକ ସଙ୍ଗଠନର ସଭାପତି ସୁବଳ ନାୟକ,ସମ୍ପାଦକ ଅଜୟ ସାହୁଙ୍କ ନେତୃତ୍ୱରେ ଧାରଣା ଦେଇଛନ୍ତି।

## ସମ୍ମାନିତ ହେଲେ ଶତାୟୁ ପୁରୁଷ

**ଖୋର୍ଦ୍ଧା ଅଫିସ,୧।୧୦:** ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଲାଇବ୍ରେରୀ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସୋମବାର ପାଳନ ହୋଇଯାଇଛି। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ପିଡି ଡିଆରଡିଏ ସରୋଜ ମିଶ୍ର, ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ ବିମଳ ଚନ୍ଦ୍ର ଷଡଙ୍ଗୀ ଓ ଦେବ ପ୍ରସାଦ ମଜୁମଦାର, ଆଦରମଣି ବରାଳ, ଜିଲା ସାମାଜିକ ଓ ନିରାପତ୍ତା ଅଧିକାରୀ ଅଶୋକ ପାତ୍ର ଯୋଗଦେଇଥିଲେ। ଏଥିରେ ଖୋର୍ଦ୍ଧା ଗୋଡିପୋଖରୀ ଲେନର ୧୦୫ ବର୍ଷ ବୟସ୍କ ଗଦାଧର ପରିଡା ଶତାୟୁ ପୁରୁଷଙ୍କୁ ସମ୍ମାନିତ କରାଯାଇଛି। ପୂର୍ବାହ୍ନରେ ନୂଆ ବସଷ୍ଟାଣ୍ଡରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନେ ପଦଯାତ୍ରାରେ ଯାଇଥିଲେ। ଏହାକୁ କ୍ଷୀରୋଦ ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଭୈରବି କ୍ଲବ, ଦିବ୍ୟ ଜୀବନ ସଂଘ, ବାଣପୁରର ନେହେରୁ ସେବା ସଂଘ ଏଥିରେ ସହଯୋଗ କରିଥିଲେ।

## ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି

**ଖୋର୍ଦ୍ଧା ଅଫିସ/ ଟାଙ୍ଗୀ/ ନିରାକାରପୁର/ ବାଲୁଗାଁ, ୧।୧୦ (ଡି.ଏନ.ଏ):** ସଙ୍କଟରେ ଚତୁର୍ଥ ସ୍ତମ୍ଭ। ଖବରଦାତାମାନେ ଆଉ ସୁରକ୍ଷିତ ନୁହନ୍ତି। ସେମାନଙ୍କ ଉପରେ ପୁରୀ ଓ ବାଲେଶ୍ୱରର ସୋରରେ ଆକ୍ରମଣ ହୋଇଛି। ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଏହା ଉପରେ ଅଙ୍କୁଶ ଲାଗି ପାରୁନି। ଏଣୁ ଖବରଦାତାଙ୍କର ସୁରକ୍ଷା ପାଇଁ ସୁରକ୍ଷା ଆଇନକୁ ତୁରନ୍ତ ଲାଗୁ କରାଯାଉ ବୋଲି ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ସେହିପରି ଟାଙ୍ଗୀ ବ୍ଲକ ଅଞ୍ଚଳରେ ଖବରଦାତାମାନେ କଳାବ୍ୟାଚ ପିନ୍ଧି ଖବରଦାତା ସୁରକ୍ଷା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ଥାନୀୟ ଖବରଦାତାମାନେ ସ୍ମାରକ ପତ୍ର ଦେଇ ଥିଲେ। ଖବରଦାତାଙ୍କ ସୁରକ୍ଷା ଲାଗି ନିରାକାରପୁର ଖବରଦାତାମାନଙ୍କ ପକ୍ଷରୁ ଏକ ଦାବିପତ୍ର ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଆଇଆଇସିଙ୍କ ଜରିଆରେ ପଠାଯାଇଛି। ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ଖବରଦାତାଙ୍କୁ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଇ ଖବରଦାତାମାନେ ପୋଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବାଲୁଗାଁ ଏସ୍‌ଡ଼ିପିଓଙ୍କୁ କ୍ଲବ୍ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ଇଞ୍ଜିନିୟରିଂ କଲେଜ ଦାଦାଗିରିର ପ୍ରତିବାଦ

# ମୁହଁ ଖୋଲିବାରୁ ଆନ୍ଦୋଳନରତ ଛାତ୍ରଙ୍କୁ ମାଡ଼



କଲେଜ ପରିସରରେ ବିଟେକ୍ ଛାତ୍ରମାନେ ଧାରଣାରେ ବସିଛନ୍ତି।

**ଛାତ୍ର ନିର୍ଯାତନା ଉପରେ ଲଗାମ ଢିଲା**

ବଣିଆଟାଙ୍ଗୀ ସ୍ଥିତ ଗାନ୍ଧୀ ଇଞ୍ଜିନିୟରିଂ କଲେଜରେ ପାଠପଢ଼ା ନାଁରେ ଶୋଷଣ ଚାଲିଥିବା ଅଭିଯୋଗ ହେଉଛି। ପ୍ରତିବାଦ କଲେ ଅଣଛାତ୍ର, କଲେଜ କର୍ତ୍ତୃପକ୍ଷ ମାରପିଟ କରି ପାଟି ଚୁପକରି ଦେଉଛନ୍ତି। ଥାନାରେ ଅଭିଯୋଗ କଲେ ସୁଫଳ ମିଳୁନି। ଅଭିଯୋଗ ହେଲେ ମଧ ଅଭିଯୋଗ ନାହିଁ କହି ପୋଲିସ ଚୁପ ରହୁଛି। କିଛିଦିନର ନୀରବତା ପରେ ପୁଣି ଇଞ୍ଜିନିୟରିଂ କଲେଜରେ ଦାଦାଗିରି ଆରମ୍ଭ ହୋଇଛି। ଶିକ୍ଷା ବିଭାଗ ଅଥବା ପୋଲିସ ବିଭାଗ ଅସାମାଜିକ କାର୍ଯ୍ୟକଳାପରେ ସମ୍ପୃକ୍ତ କର୍ମଚାରୀ ଅଥବା ଅଣଛାତ୍ରଙ୍କ ବିରୋଧରେ ଲଗାମ ଲଗାଇ ପାରୁ ନ ଥିବାରୁ ଏହାକୁ ରୋକା ଯାଇ ପାରୁ ନ ଥିବା ଅଭିଯୋଗ ରହିଛି। ବିଗତଦିନରେ ପାଟି ଖୋଲିଲେ ଆନ୍ଦୋଳନରତ ଛାତ୍ରଙ୍କୁ ମାଡ ଖାଇବାକୁ ପଡିଛି।

**ଖୋର୍ଦ୍ଧା ଅଫିସ,୧।୧୦**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀସ୍ଥିତ ଗାନ୍ଧୀ ଇଞ୍ଜିନିୟରିଂ କଲେଜରେ ନିମ୍ନମାନର ଖାଦ୍ୟ ଓ ନିର୍ଯାତନାର ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୦ଟାରୁ ବିକ୍ଷୋଭ ପ୍ରଦର୍ଶନ ଛାତ୍ରମାନଙ୍କ ପକ୍ଷରୁ କରାଯାଇଥିଲା। ଛାତ୍ର ଆନ୍ଦୋଳନ ଆରମ୍ଭ ହେବା ପରେ କଲେଜ କର୍ତ୍ତୃପକ୍ଷ ଆନ୍ଦୋଳନକୁ ପ୍ରତ୍ୟାହୃତ କରି ନେବାକୁ ଧମକ ଦେଇଥିଲେ। ନ ହେଲେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ। ନ୍ୟାୟ ପାଇଁ ଛାତ୍ରମାନେ ଆନ୍ଦୋଳନକୁ ଚାଲୁ ରଖିଥିଲେ। ଏଭଳିସ୍ଥଳେ କଲେଜରେ ଉତ୍ତେଜନା ବଢ଼ିବା ଦେଖି ଆନ୍ଦୋଳନରତ ଛାତ୍ର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଘଟଣାର ତଦନ୍ତ କରିବାକୁ ଅଭିଯୋଗ କରିବାକୁ ଯାଉଥିଲେ। ଏହି ସମୟରେ କଲେଜ କର୍ମଚାରୀ ଛାତ୍ରମାନଙ୍କୁ ମାଡମାରି ଚୁପହୋଇ ରହିବାକୁ ବାଧ କରାଇଥିଲେ। ଏପରି କି ମାସେ ପାଇଁ ଛୁଟି ଘୋଷଣା କରି ଦେଇଥିଲେ। ଆଡ୍‌ମିଶନ ସମୟରେ ଚୁକ୍ତିକୁ ଅଣଦେଖା କରି କଲେଜ କର୍ତ୍ତୃପକ୍ଷ ଅଧିକ ଟଙ୍କା ଆଦାୟ କରିବାକୁ ନେଇ ଉତ୍ତେଜକ ପରିସ୍ଥିତି ଲାଗି ରହିଥିଲା। କିଛିଦିନ ପୂର୍ବରୁ ବିଟେକର ୨ୟ ବର୍ଷର ଛାତ୍ରମାନଙ୍କ ଖାଦ୍ୟରୁ ଝିଟିପିଟି ବାହାରିଥିଲା। ରବିବାର ରାତିରେ ଖାଦ୍ୟରେ ଗୋବର ପୋକ ଭଳି କିଛି ପୋକ ବାହାରିଥିଲା। ଏହାର ପ୍ରତିବାଦ କରିବାରୁ ପାଟି ଚୁପ ରଖିବାକୁ କୁହାଯାଇଥିଲା। ମନ ପାଇଲେ ଖାଅ, ନ ହେଲେ ନାହିଁ ମଧ କଲେଜର କର୍ମଚାରୀମାନେ କହିଥିଲେ। ଖାଦ୍ୟ ଖରାପ ବେଳେ ବ୍ୟବହାର ଖରାପ ଆନ୍ଦୋଳନ କରିବା ପାଇଁ ଛାତ୍ରମାନଙ୍କୁ ବାଧ କରାଇଥିଲା। ଏଣୁ ବିଟେକ୍‌ର ଛାତ୍ରମାନେ ସୋମବାର ପୂର୍ବାହ୍ନ ୧୦ଟାରୁ ବିକ୍ଷୋଭ ଆରମ୍ଭ କରିଥିଲେ। ସନ୍ଧ୍ୟାରେ ବିଟେକ୍ ୨ୟ ବର୍ଷ କ୍ଲାସ ସସ୍‌ପେଣ୍ଡ କରିଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କଲେଜ ଆନ୍ଦୋଳନ ନେଇ ସଦର ଥାନା ଆଇଆଇସି ବିକ୍ରମ ଜେନାଙ୍କୁ ପଚାରିବାରୁ କୁହନ୍ତି, ଛାତ୍ର ଅଶାନ୍ତି ନେଇ ଅଭିଯୋଗ ନାହିଁ। ଅନ୍ୟପକ୍ଷେ ଇଞ୍ଜିନିୟରିଂ କଲେଜର ଏହା ଆଭ୍ୟନ୍ତର କଥା ବୋଲି ସୂଚନା ଦେଇଥିଲେ।

### ଟ୍ରେନ୍‌ରୁ ଡକାୟତି ଯୋଜନା

# ୫ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

**ଜଟଣୀ,୧।୧୦(ଡି.ଏନ.ଏ.)**



ଗିରଫ ଡକାୟତମାନେ।

ଟ୍ରେନ୍‌ରେ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଓ ଆର୍‌ପିଏଫ୍‌ର ସ୍ପେଶାଲ ଟାକ୍ସଫୋର୍ସ (ପାସେଞ୍ଜର ସିକ୍ୟୁରିଟି) ଯବାନମାନେ ୫ ଜଣ ଡକାୟତଙ୍କୁ ଗିରଫ କରିଛି। ଗିରଫ ଡକାୟତମାନେ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣ ତରବୋଇ ଗ୍ରାମର ମନୋରଞ୍ଜନ ପୂଜାରୀ ଓରଫ ବାପି, ଜଗନ ଦାସ ଓରଫ ବିଜୁ, ବେରବୋଇର ଜିତେନ୍ଦ୍ର କୁମାର ସ୍ୱାଇଁ ଓରଫ ଜିତୁ, ବାସେଳିସାହିର ବିଶ୍ୱନାଥ ମହାରଣା ଓ ଜଟଣୀ ଥାନାର ଭୀମପୁର ଗ୍ରାମର ଭାଗୀରଥି ପାଟଶାଣୀ ଓରଫ ବାବୁ। ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଛୁରି, ଖୁର, ଲଙ୍କାଗୁଣ୍ଡ, ଖେଳନା ବନ୍ଧୁକ, ୧୧ଟି ମୋବାଇଲ୍, ୭୦୦ ଟଙ୍କା ଜବତ କରାଯାଇଛି। ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନର ୭ ନଂ. ପ୍ଲାଟଫର୍ମ ଶେଷରେ ମାଣିଆଛକ ନିକଟ ନିକାଞ୍ଚନ ସ୍ଥାନରେ ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଏକାଠି ହୋଇ ରାଉରକେଲା-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଡକାୟତି ଯୋଜନା କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ଜିଆର୍‌ପି ଓ ଆର୍‌ପିଏଫ୍ ଯବାନମାନେ ଚଢ଼ାଉ କରି ଏମାନଙ୍କୁ ଧରିଥିଲେ। ଗିରଫ ଅଭିଯୁକ୍ତମାନେ ଟ୍ରେନ୍‌ରେ ଯାତ୍ରୀଙ୍କଠାରୁ ଡକାୟତି କରିଥାନ୍ତି। ଗିରଫମାନଙ୍କ ମଧ୍ୟରେ କେତେଜଣଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ ବାହିନୀପତି ଓ ଆର୍‌ପିଏଫ୍ ଇନ୍ସପେକ୍ଟର ଡି.ସି. ନାୟକ ସୂଚନା ଦେଇଥିଲେ। ଯାତ୍ରୀଙ୍କଠାରୁ କରୁଥିବା ଲୁଟ୍ ସାମଗ୍ରୀକୁ ଲୁଟେରାମାନେ ଗିରଫ ଅଭିଯୁକ୍ତ ଜଗନକୁ ଦେଇଥାନ୍ତି। ବିଶେଷକରି ଚୋରି ମୋବାଇଲ ଫୋନ୍‌କୁ ଜଗନ ବିକ୍ରୟ କରି ନିଜ ଭାଗ ରଖିବା ପରେ ଡକାୟତମାନଙ୍କୁ ଅବଶିଷ୍ଟ ଦେଇଥାନ୍ତି। ଏହିଡକାୟତ ଗ୍ୟାଙ୍ଗକୁ ଧରିବାକୁ ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲେ ମଧ ଏମାନେ ଖସିଯିବାରେ ସକ୍ଷମ ହେଉଥିଲେ। ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନାରେ ନଂ. ୯୩/୧୮ରେ ମାମଲା ରୁଜୁ ହୋଇଛି।

## ଖୋର୍ଦ୍ଧା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧।୧୦(ଡି.ଏନ.ଏ.):** ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସୋମବାର ଖୋର୍ଦ୍ଧା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ (୧୭ବର୍ଷରୁ କମ) ଫୁଟବଲ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହା ୨ ତାରିଖରେ ଉଦ୍‌ଯାପିତ ହେବ। ଏ ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବୋଲଗଡ ବିଇଓ ବିଭୂତି ଭୂଷଣ ମହାପାତ୍ର, ଜିଲାପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ ଓ ସମିତିସଭ୍ୟ ବୀରକିଶୋର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠକ ସମ୍ପାଦକ ଭାବେ ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ, ବ୍ଲକ ସମ୍ପାଦକ କ୍ରୀଡା ଶିକ୍ଷକ ଯୋଗେଶ୍ୱର ବେହେରା ଓ କ୍ରୀଡା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଦାଧର ଚମ୍ପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ୧୦ଟି ବ୍ଲକର ୧୦ଟି ଟିମର ୧୧୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚର ୩ଟି ଲିଗ ମ୍ୟାଚରେ ୬ଟି ବ୍ଲକରୁ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ମଙ୍ଗଳବାର ଆଉ ୨ଟି ଲିଗ୍ ମ୍ୟାଚ ପରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ରହିଛି। ଉଦଘାଟନୀ ଦିବସରେ ଫୁଟବଲ ମ୍ୟାଚରେ ଭୁବନେଶ୍ୱର ବ୍ଲକ ଟିମ ଟାଇବ୍ରେକର ୩-୨ ଗୋଲରେ ଜଟଣୀ ବ୍ଲକକୁ ପରାସ୍ତ କରି ବିଜୟୀ ହୋଇଛି। ୨ୟ ଲିଗ ମ୍ୟାଚରେ ବାଲିଅନ୍ତାକୁ ୨-୦ ଗୋଲରେ ବୋଲଗଡ ପରାସ୍ତ କରିଛି। ୩ୟ ପର୍ଯ୍ୟାୟରେ ଟାଙ୍ଗୀ ବ୍ଲକ ଟିମ ୨-୦ଗୋଲରେ ବାଣପୁର ବ୍ଲକ ଟିମକୁ ପରାସ୍ତ କରିଛି।

## ମାଙ୍କଡ଼ା ପଥର ଖନନକୁ ବିରୋଧ, ବନାଞ୍ଚଳ ଅଧିକାରୀଙ୍କୁ ସ୍ମାରକପତ୍ର

**ଟାଙ୍ଗୀ(ଖୋର୍ଦ୍ଧା),୧।୧୦(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତସ୍ଥ ପାତ୍ରପଡ଼ା ଗ୍ରାମରେ ଥିବା ଜଙ୍ଗଲ ଜମିରେ ବେଆଇନ ପଥର ଖଣି ଓ ଖନନକୁ ବିରୋଧ କରାଯାଇଛି। ସ୍ଥାନୀୟ ଆଦିବାସୀମାନେ ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଦିବାସୀମାନେ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବନାଞ୍ଚଳ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ଚୋରା ମାଙ୍କଡ଼ାପଥର ଖଣି ମାଫିଆଙ୍କ ପ୍ରାଦୁର୍ଭାବ ଫଳରେ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଖନନ ଦ୍ୱାରା ପରିବେଶ ମଧ ପ୍ରଦୂଷିତ ହେବାରେ ଲାଗିଛି। ଖଣିମାଫିଆମାନେ ମୂଲ୍ୟବାନ ଗଛକୁ କାଟି ମାଙ୍କଡା ପଥର ଉତ୍ତୋଳନ କରିବା ବିରୋଧରେ ଆଦିବାସୀମାନେ ସ୍ଥାନୀୟ ରାଜସ୍ୱ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଥିଲା। ଶେଷରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବଳରାମଦେବ ମନ୍ଦିର ପରିସରରେ ବିକ୍ଷୋଭ ନିମନ୍ତେ ସମବେତ ହୋଇଥିଲେ। ବିକ୍ଷୋଭକାରୀମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ହୃଷୀକେଶ ପଲାଇଙ୍କ ଅଧକ୍ଷତାରେ ଆୟୋଜିତ ଧାରଣାରେ ମାର୍କସବାଦୀ କମ୍ୟୁନିଷ୍ଟ ଦଳର ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଗିରୀଶ ମହାରଣା, ସମିତି ସଭ୍ୟ ରଘୁନାଥ ମାଝି, ବିଧୁଭୂଷଣ ମହାରଣା, ପ୍ରଶାନ୍ତ ପାଟଶାଣୀ, ବିପିନ କୁମାର ଜୟସିଂହ ପ୍ରମୁଖ ସାମିଲ ଥିଲେ। ଏକ ପ୍ରତିନିଧି ମଣ୍ଡଳୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦ୍ଦେବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଖଣିମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବେଆଇନ ଖଣି ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରିବେ ଓ ଏଥିରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ।

### ଝାରପଡ଼ା ଜେଲରେ କଏଦୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଜଟଣୀରେ ରାସ୍ତାରୋକୋ

**ଜଟଣୀ,୧।୧୦(ଡି.ଏନ୍.ଏ.):**



କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ପକ୍ଷରୁ ରାସ୍ତାରୋକୋ।

- ଲାଠିଚାଳନା କରି ଆନ୍ଦୋଳନକାରୀଙ୍କୁ ଘଉଡ଼ାଇଲା ପୋଲିସ
- ଶବ ଗୃହରେ ପଡ଼ିରହିଛି ମୃତଦେହ

ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଜଟଣୀ ବଡ଼ତୋଟା ଗ୍ରାମର ଗଦାଧର ସାହୁ ନାମକ କଏଦୀଙ୍କ ରବିବାର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଜଟଣୀ ଓ ଖୋର୍ଦ୍ଧା ମୁଖ୍ୟରାସ୍ତାର ବଡ଼ତୋଟା ଗ୍ରାମ ନିକଟରେ ସୋମବାର ରାସ୍ତାରୋକୋ କରାଯାଇଥିଲା। ମୃତ ଗଦାଧରଙ୍କ ପରିବାର ଓ ଗ୍ରାମବାସୀ ଏହି ଆନ୍ଦୋଳନ କରିଥିଲେ। ଏଥିରେ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବଡ଼ଜେନା ସାମିଲ ହୋଇଥିଲେ। ମୃତ୍ୟୁର ଠିକ୍ ତଦନ୍ତ ଓ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ ଆନ୍ଦୋଳନକାରୀ। ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନସ୍ଥଳରେ କମିଶନରେଟ୍ ପୋଲିସର ଏସିପି ପି.କେ. ରାଉତ, ଜଟଣୀ ତହସିଲର ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ମିଶ୍ର, ଆଇଆଇସି ବିଶ୍ୱରଞ୍ଜନ ସାହୁ ଉପସ୍ଥିତ ରହି ବୁଝାଶୁଝା କରିବା ସତ୍ତ୍ୱେ ଆନ୍ଦୋଳନକାରୀ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ସନ୍ଧ୍ୟା ପ୍ରାୟ ୮ଟାରେ ପୋଲିସ ଲାଠିଚାଳନା କରି ଆନ୍ଦୋଳନକାରୀଙ୍କୁ ଘଉଡ଼ାଇ ଦେଇଥିଲେ। ପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଗଦାଧରଙ୍କ ଶବ କ୍ୟାପିଟାଲ ହସ୍ପିଟାଲ ସଂରକ୍ଷଣ ଗୃହରେ ପଡ଼ିରହିଛି। ଗୋଟିଏ ପକ୍ଷରେ ଦାବିପୂରଣ ହେଉ ନ ଥିବାରୁ ପରିବାର ଲୋକେ ମୃତଦେହ ଗ୍ରହଣ କରୁନାହାନ୍ତି। ଅପରପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ବଡ଼ତୋଟାସ୍ଥିତ ଘରେ ମୃତଦେହ ପହଞ୍ଚାଇବା ବ୍ୟବସ୍ଥା କରାଯାଉଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ପହଞ୍ଚି ନ ଥିବା ଜଣାପଡିଛି। ତାଙ୍କ ସ୍ୱାମୀଙ୍କୁ ଜେଲ୍ ଭିତରେ ନିର୍ଯାତନା ଦିଆଯାଇଥିବାରୁ ମୃତ୍ୟୁ ଘଟିଥିବା ଗଦାଧରଙ୍କ ସ୍ତ୍ରୀ ନଳିନୀ ଅଭିଯୋଗ କରିଛନ୍ତି। ରବିବାର ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଗଦାଧର ଗିରଫ ହୋଇଥିଲେ। ପରେ ଦୋଷୀ ସାବ୍ୟସ୍ତ ହୋଇ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହୋଇଥିଲା। ଏ ନେଇ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ତପନ ପଟ୍ଟନାୟକ କୁହନ୍ତି, ଗଦାଧରଙ୍କ ମୃତଦେହ ନେବାକୁ ତାଙ୍କ ପରିବାରକୁ କୁହାଯାଇଛି। ୭୨ ଘଣ୍ଟା ମୃତଦେହ ରଖାଯିବା ପରେ ନିୟମ ଅନୁଯାୟୀ ଯାହା ପଦକ୍ଷେପ ଗ୍ରହଣ କରାଯିବ। ଅପରପକ୍ଷରେ ଏହି ମୃତ୍ୟୁ ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବିବେକାନନ୍ଦ



@ ବିଦ୍ୟା



@ ଆଝାର



@ ବିରଞ୍ଚି



@ ଆକାଶ



@ ଶୁଭଶ୍ରୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
metroselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

